ସାପ୍ତାହିକ
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 22 | 28 May - 3 Jun 2023 | Sambalpur | Page- 8 | Invitation Price Rs.10

# ବିଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଚ୍ଚ ପ୍ରଶଂସିତ ଓ ପୁରସ୍କୃତ

ନୂଆଦିଲ୍ଲୀ : ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଦେଶ ଗସ୍ତରେ ଯାଇଥିବା ବେଳେ ସେଠାରେ ନେତୃବୃନ୍ଦଙ୍କ ଦ୍ୱାରା ପ୍ରଶଂସିତ ଓ ପୁରସ୍କୃତ ହୋଇଛନ୍ତି । ଜାପାନରେ ଜି-୭ ଏବଂ କ୍ୱାଡ୍ ସମ୍ମିଳନୀ ବେଳେ ଶ୍ରୀ ମୋଦିଙ୍କୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ଙ୍କ ଠାରୁ ଆରମ୍ଭ କରି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଛୋନି ଆଲ୍‌ବାନିଜଙ୍କ ପର୍ଯ୍ୟନ୍ତ ସମସ୍ତେ ମୋଦିଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି । ଜୋ ବାଇଡେନ୍ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଟୋଗ୍ରାଫ୍ ନେବାକୁ ଚାହୁଁଥିବା କଥା ବି କହିଛନ୍ତି । ଜାପାନର ହିରୋସୀମା ସହରରେ ଆୟୋଜିତ ଜି-୭ ରାଷ୍ଟ୍ର ସମ୍ମିଳନୀରେ ମୋଦିଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଜାପାନରେ ପାଦ ଦେଉ ଦେଉ ମୋଦିଙ୍କୁ ମିଳିଥିଲା ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା । ଜି-୭ ସମେତ ନିମନ୍ତ୍ରିତ ରାଷ୍ଟ୍ରଗୁଡ଼ିକର ନେତୃବୃନ୍ଦଙ୍କ ସହ ବେଶ୍ କିଛି ସୁଖଦ ମୁହୂର୍ତ୍ତ ବିତାଇବା ସହ ଦ୍ୱିପାକ୍ଷିକ ସମ୍ପର୍କ ବାବଦରେ ଆଲୋଚନା କରିଥିଲେ ପ୍ରଧାନମନ୍ତ୍ରୀ । କ୍ୱାଡ୍ ସମ୍ମିଳନୀରେ ମଧ ସାମିଲ ହୋଇଥିଲେ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମୋଦିଙ୍କ ସହ ଘଟିଥିବା ପ୍ରତିଟି ଘଟଣାର ଦୃଶ୍ୟ ବେଶ୍ ହୃଦୟସ୍ପର୍ଶୀ ଥିଲା ।



କ୍ୱାଡ୍ ସମ୍ମିଳନୀରେ ମୋଦିଙ୍କ ପ୍ରଶଂସାରେ ଶତମୁଖୀ ହୋଇଥିଲେ ବାଇଡେନ୍ । ମୋଦିଙ୍କ ଲୋକପ୍ରିୟତା ଯୋଗୁଁ ସେ ତାଙ୍କ ଦେଶରେ ବଡ଼ ସମସ୍ୟାର ସମ୍ମୁଖୀନ ହେଉଥିବା କହିଥିଲେ । ମୋଦିଙ୍କୁ ବାଇଡେନ୍ କହିଥିଲେ, 'ଆସନ୍ତା ମାସରେ ୱାଶିଂଟନରେ ଆପଣଙ୍କ ସହ ଆମର ଡିନର୍ (ରାତ୍ରିଭୋଜନ) କାର୍ଯ୍ୟକ୍ରମ ରହିଛି । ଆମେରିକାର ପ୍ରତ୍ୟେକ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ଚାହୁଁଛନ୍ତି । ଟିକେଟ୍ ସବୁ ଶେଷ ହୋଇଯାଇଛି । ଅନେକ ଲୋକ ଫୋନ୍ କରି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ କରୁଛନ୍ତି ।

ବାଇଡେନ୍ଙ୍କ ମୁହଁରୁ ଏହା ଶୁଣିବା ପରେ ପ୍ରଧାନମନ୍ତ୍ରୀ ସ୍ମିତହାସ୍ୟ ଦେବାରୁ ସେ କହିଥିଲେ, 'ଆପଣ ଭାବୁଛନ୍ତି ମୁଁ ବୋଧେ ଥଟ୍ଟା କରୁଛି । କିନ୍ତୁ ଆପଣ ମୋ ଟିମ୍‌କୁ ପଚାରି ବୁଝିପାରନ୍ତି । ମୋ ପାଖକୁ ଲୋକଙ୍କ ଫୋନ୍ କଲ୍ ଆସୁଛି । ଯାହା ପୂର୍ବରୁ କେବେ ଘଟି ନ ଥିଲା, ତାହା ବର୍ତ୍ତମାନ ଘଟୁଛି । ଚଳଚ୍ଚିତ୍ର ଅଭିନେତାଙ୍କ ଠାରୁ ଆରମ୍ଭ କରି ସମ୍ପର୍କୀୟଙ୍କ ପର୍ଯ୍ୟନ୍ତ ସମସ୍ତେ ଡିନର୍ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଚାହୁଁଛନ୍ତି । ବାସ୍ତବରେ ଆମେରିକାରେ ଆପଣ ବେଶ୍ ଲୋକପ୍ରିୟ ।

ଏତିକିରେ ବାଇଡେନ୍ଙ୍କ ପ୍ରଶଂସା ସରି ନ ଥିଲା । ସେ ଆହୁରି କହିଥିଲେ ଯେ ପ୍ରତ୍ୟେକ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଭାବ ଦେଖିବାକୁ ମିଳିଛି । ଗଣତନ୍ତ୍ରର ଯେ କେତେ ମହତ୍ତ୍ୱ ରହିଛି, ତାହା ମୋଦି ସବୁବେଳେ ପ୍ରଦର୍ଶନ କରିଥାନ୍ତି । କ୍ୱାଡ୍ ନିରାପତ୍ତା କମିଟିରେ ବି ସେ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ । ଜଳବାୟୁ କ୍ଷେତ୍ରରେ ସେ ଉନ୍ନତ ପଦକ୍ଷେପ ନେଇଛନ୍ତି । ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ତାଙ୍କର କାର୍ଯ୍ୟ ପ୍ରଶଂସନୀୟ । ପ୍ରଧାନମନ୍ତ୍ରୀ ସବୁବେଳେ କିଛି ଭିନ୍ନ କରି ଦେଖାଉଥିବା ସ୍ପଷ୍ଟ ଜଣାପଡୁଛି । ବାଇଡେନ୍ ଯେତେବେଳେ ମୋଦିଙ୍କ ଗୁଣଗାନ କରୁଥିଲେ, ସେତେବେଳେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଲ୍‌ବାନିଜ୍ ଉପସ୍ଥିତ ଥିଲେ । ଆଲ୍‌ବାନିଜ କହିଥିଲେ ଯେ ତାଙ୍କ ପାଖକୁ ବି ସମାନ ଅନୁରୋଧ ଆସୁଛି । କିନ୍ତୁ ସିଡ୍‌ନିର କମ୍ୟୁନିଟି ରିସେପ୍ସନରେ ମାତ୍ର ୨୦ ହଜାର ଲୋକଙ୍କ ବସିବା କ୍ଷମତା ରହିଛି ।

ବାଇଡେନ ଓ ଆଲ୍‌ବାନିଜ୍ ମୋଦିଙ୍କୁ କହିଥିଲେ ଯେ ଭିଡ଼ ପରିଚାଳନା କରିବା ସେମାନଙ୍କ ପାଇଁ ବେଶ୍ ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ । ଆଲ୍‌ବାନିଜ୍ କହିଥିଲେ ଯେ ସେ ଯେତେବେଳେ ଭାରତ ଗସ୍ତରେ ଥିଲେ ସେତେବେଳେ ୯୦ ହଜାର ଲୋକ ତାଙ୍କୁ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ସ୍ୱାଗତ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ଏତେ ସହଜରେ କିଭଳି ଭିଡ଼ ପରିଚାଳନା କରୁଛନ୍ତି, ତାହା ଆଶ୍ଚର୍ଯ୍ୟର ସହ ପଚାରିଥିଲେ ଆଲବାନିଜ୍ । ଏହି ସମୟରେ ମୋଦିଙ୍କୁ ଚାହିଁ ବାଇଡେନ୍ କହିଥିଲେ, 'ମୁଁ ଆପଣଙ୍କ ଅଟୋଗ୍ରାଫ୍ ନେବା ଉଚିତ' । କ୍ୱାଡ୍ ସମ୍ମିଳନୀ ପୂର୍ବରୁ ହିରୋସୀମାରେ ଅନୁଷ୍ଠିତ ଜି-୭ ବୈଠକ ବେଳେ ମଧ ମୋଦି ଓ ବାଇଡେନ୍ଙ୍କୁ ଏକାଠି ଦେଖିବାକୁ ମିଳିଥିଲା । ବୈଠକ ଆରମ୍ଭ ପୂର୍ବରୁ ରାଷ୍ଟ୍ରପତି ବାଇଡେନ୍ ନିଜ ଆସନରୁ ଉଠି ମୋଦିଙ୍କ ପାଖକୁ ଯାଇ ତାଙ୍କୁ ଆଲିଙ୍ଗନ କରିଥିଲେ । ସୂଚନାଯୋଗ୍ୟ, ଜୁନ୍ ୨୨ରେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଗସ୍ତ କରିବେ । ଏହି ଗସ୍ତ ଅବସରରେ ହ୍ୱାଇଟ୍ ହାଉସ୍‌ରେ ମୋଦିଙ୍କ ପାଇଁ ଏକ ଡିନର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ପତ୍ନୀ ଜିଲ୍ ବାଇଡେନ୍ ମୋଦିଙ୍କ ସହ ରାତ୍ରିଭୋଜନ କରିବେ ।

## ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନୋବେଲ ବିଜେତାଙ୍କ ପ୍ରଶଂସା

ସିଡନିଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ୍ କରିବା ପରେ ନୋବେଲ ବିଜେତା ବ୍ରିୟାନ ପଲ ସ୍ମିଟ କହିଛନ୍ତି ଯେ, ଭାରତ ଆଜିଯାଏ ଯେତେ ନେତାଙ୍କୁ ଜନ୍ମ ଦେଇଛି, ସେମାନଙ୍କ ମଧରେ ପ୍ରଧାନମନ୍ତ୍ରୀ ମୋଦୀ ସବୁଠାରୁ ଦୃଶ୍ୟମାନ ନେତା । ପ୍ରଧାନମନ୍ତ୍ରୀ ମୋଦୀ ଏକ ତ୍ରିଦିବସୀୟ ଗସ୍ତରେ ଅଷ୍ଟ୍ରେଲିଆରେ ପହଞ୍ଚିଥିବା ବେଳେ ସେଠାରେ ସ୍ମିଟଙ୍କୁ ସାକ୍ଷାତ୍ କରିଥିଲେ । ନିଜ କ୍ୟାରିୟରର ବହୁାଂଶ ଜଣେ ଆଷ୍ଟ୍ରୋଫିଜିସିଷ୍ଟ ଭାବେ କାର୍ଯ୍ୟ କରିଥିବା କ୍ରିୟାନ ପଲ ଷ୍ମିଟ ୨୦୧୧ରେ ପଦାର୍ଥ ବିଜ୍ଞାନ ପାଇଁ ନୋବୋଲ ପୁରସ୍କାର ପାଇଛନ୍ତି ।

## ଫିଜି ଓ ପାପୁଆ ନ୍ୟୁ ଗିନିରେ ମୋଦୀଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫିଜି ଓ ପାପୁଆ ନ୍ୟୁ ଗିନିରେ ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରାଯାଇଛି । ତୃତୀୟ ଭାରତ-ପ୍ରଶାନ୍ତ ଦ୍ୱୀପପୁଞ୍ଜ ସହଯୋଗ (ଏଫ୍‌ଆଇପିଆଇସି) ସମ୍ମିଳନୀରେ





ଯୋଗ ଦେବା ପାଇଁ ପ୍ରଧାନମନ୍ତ୍ରୀ ପାପୁଆ ନ୍ୟୁ ଗିନି ଗସ୍ତ କରିବା ଅବସରରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ମଧ ଜଣେ ବିଶ୍ୱନେତା ଭାବେ ତାଙ୍କ ଫିଜି ପ୍ରତିପକ୍ଷ ସିତିବେନି ରାବୁକାଙ୍କ ଦ୍ୱାରା ଅଣ ଆଫ୍ରିକୀୟଙ୍କୁ ଦିଆଯାଉଥିବା ସର୍ବୋଚ୍ଚ ସମ୍ମାନ 'ଦ କମ୍ପାନିୟନ ଅଫ୍ ଦ ଅର୍ଡର ଅଫ୍ ଫିଜି' ପ୍ରଦାନ କରାଯାଇଥିଲା । ଆଜିପର୍ଯ୍ୟନ୍ତ ମୁଷ୍ଟିମେୟ ଅଣଫିଜୀୟଙ୍କୁ ଏହି ବିରଳ ସମ୍ମାନ ପ୍ରଦାନ କରାଯାଇଛି ।

ପାପୁଆ ନ୍ୟୁ ଗିନି ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନ 'ଗ୍ରାଣ୍ଡ କମ୍ପାନିୟନ ଅଫ୍ ଦ ଅର୍ଡର ଅଫ୍ ଲୋଗୋହୁ' (ଜିସିଏଲ୍) ପ୍ରଦାନ କରାଯାଇଛି । ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜର ଏକତା ପାଇଁ ତଥା ଗ୍ଲୋବାଲ ସାଉଥର ସ୍ୱାର୍ଥ ପାଇଁ କାର୍ଯ୍ୟ କରିଥିବାରୁ ମୋଦୀଙ୍କୁ ସେମାନେ ଏହି ସମ୍ମାନ ଦେଇଛନ୍ତି । ପାପୁଆ ନ୍ୟୁ ଗିନିର ଗଭର୍ଣ୍ଣର ଜେନେରାଲ ସାର୍ ବବ୍ ଡାଡ଼େ ମୋଦୀଙ୍କୁ ଏହି ସମ୍ମାନରେ ଭୂଷିତ କରିଥିଲେ ।

# ମୁକ୍ତିଲାଭ କଲା 'ଶଳା ବୁଢ଼ାର ବଦଲା'

ଭୁବନେଶ୍ୱର : ବହୁ ଚର୍ଚ୍ଚିତ କଥାଚିତ୍ର "ଶଳା ବୁଢ଼ାର ବଦଲା' ଓଡ଼ିଶାର ୩୦ ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି । ଭୁବନେଶ୍ୱରର ସ୍ୱାତୀ ସିନେମା ହଲ୍‌ରେ ଆୟୋଜିତ ପ୍ରିମିୟର ସୋ'ରେ ସିନେମା ଜଗତର ଖ୍ୟାତନାମା ପ୍ରଯୋଜକ ଅକ୍ଷୟ ପରିଜା, ସୁଶାନ୍ତ ମିଶ୍ର, ସଚିକାନ୍ତ ଜେନା, ଓ୍ୱିନି ପଟ୍ଟନାୟକ, ଗଦାଧର ପୁଛି, ଶ୍ରୀଧର ମାର୍ଥା, ଜିତେଶ ପରିଡା, ସନଲିମା ପଟେଲ୍, ଦିଲ୍ଲୀପ ଶ୍ରୀଚନ୍ଦନ, ଅତିସ ରାଉତ, ଅଭିନେତା ପାର୍ଥ, ସ୍ୱରାଜ, ଅଭିନେତ୍ରୀ ଅନନ୍ୟା, ବୈଶାଳୀ ଓ ସସ୍ମିତା ପ୍ରମୁଖ ଯୋଗ ଦେଇ ସମ୍ପୂର୍ଣ୍ଣ ସିନେମାଟି ଦେଖି ନିଜର ମତ ଦେଇଥିଲେ ।

ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ଶଳା ବୁଢ଼ାର ବଦ୍‌ଲା' ଚଳଚ୍ଚିତ୍ରର କଥାବସ୍ତୁରେ ପଶ୍ଚିମ ଓଡ଼ିଶାର ଜନଜୀବନକୁ ନିଖୁଣ ଭାବେ ପ୍ରଦର୍ଶିତ କରାଯାଇଥିବା ବେଳେ ଗୀତଗୁଡ଼ିକ ବି ବେଶ୍ ହୃଦୟସ୍ପର୍ଶୀ ହୋଇଛି । ୧୯୫୫ରୁ ୧୯୫୯ ମଧରେ ନିର୍ଦ୍ଦେଶକ ସତ୍ୟଜିତ ରାୟ ପ୍ରଥମ ଟ୍ରାଇଲୋଜି ସିନେମା ନିର୍ମାଣ କରିଥିଲେ ।

ଏକ ଲମ୍ବା ସମୟ ଅବଧି ମଧରେ ଦେଶରେ ଦ୍ୱିତୀୟ ଟ୍ରାଇଲୋଜି ସିନେମା 'ଶଳା ବୁଢ଼ାର ବଦଲା' ଓଡ଼ିଶାରେ ତିଆରି ହୋଇଛି । କପିଳେଶ୍ୱର ମହାପାତ୍ର ଏହି ଚଳଚ୍ଚିତ୍ରର କାହାଣୀ ଲେଖିଛନ୍ତି । ଚଳଚ୍ଚିତ୍ରର ସଙ୍ଗୀତ ବିତରଣ ଦାୟିତ୍ୱ ନେଇଛି ଆମରା ମ୍ୟୁଜିକ ।



ଲୁପ୍ତପ୍ରାୟ ସଂସ୍କୃତି ଓ ଲୋକସଂସ୍କୃତିକୁ ନେଇ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ରଙ୍କ ନିର୍ମିତ 'ଆଦିମ ବିଚାର' ଓ 'ଶଳା ବୁଢ଼ା' ପରେ ଏହି ସିନେମା ହେଉଛି ଟ୍ରାଇଲୋଜିର ତୃତୀୟ ଅଧ୍ୟାୟ । ପ୍ରଥମ ଥର ପାଇଁ ପିତା ଓ ପୁତ୍ର ଅର୍ଥାତ୍ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଓ ପ୍ରଯୋଜକ କୁମାର ସି. ଦେବ ମହାପାତ୍ର ଏକାଥରକେ ଏହି ଫିଲ୍ମ ପାଇଁ ଜାତୀୟ ପୁରସ୍କାର ପାଇଥିଲେ । ସବୁଠାରୁ ବଡ଼ କଥା, ଏହି ଟ୍ରାଇଲୋଜିର ସଙ୍ଗୀତ ଜାତୀୟ ପୁରସ୍କାର ପାଇଥିଲା । ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପଙ୍କଜ ଜାଲ୍ ।

ପ୍ରଥମ ଥର ପାଇଁ 'ଶଳା ବୁଢ଼ାର ବଦଲା' ଦୁବାଇ ଏକ୍ସପୋ ୨୦୨୦ରେ ୱାର୍ଲ୍ଡ ପ୍ରିମିୟର ହୋଇଥିଲା । ଉପସ୍ଥିତ ସିନେ ସମୀକ୍ଷକଙ୍କ କହିବା ଅନୁସାରେ 'ଶଳା ବୁଢ଼ାର ବଦଲା' ହେଉଛି ଏକ ଜଟିଳ ମାନବ ଭାବନା ଓ ସମ୍ପର୍କର ଚିତ୍ର, ଯେଉଁଥିରେ ଅଛି ଭରପୁର କମେଡି ଓ ସସପେନ୍ସ । ସ୍ୱର୍ଗତ ଅଟଳ ବିହାରୀ ପଣ୍ଡା, ଚନ୍ଦନା ସିଂହ, ଲୋଚନି ବାଗ, ବିନ୍ଦୁ, ବୈରାଗୀ, ନେତ୍ରାନନ୍ଦ, ଜିତ ଓ ମଣ୍ଟୁ ମହାପାତ୍ର ପ୍ରମୁଖ ଅଭିନୟ କରିଛନ୍ତି । ଚଳଚ୍ଚିତ୍ରର ସଙ୍ଗୀତ ବିତରଣ ଦାୟିତ୍ୱ ଆମରା ମ୍ୟୁଜିକ୍ ନେଇଛି ବୋଲି ଚଳଚ୍ଚିତ୍ରର କ୍ରିଏଟିଭ୍ ହେଡ୍ ଓ ମିଡିଆ ପ୍ଲାନର ପ୍ରଣୟ ଜେଠୀ ସୂଚନା ଦେଇଛନ୍ତି ।

## ମୋଦିଙ୍କ ପାଦ ଛୁଇଁଲେ ପାପୁଆ ନ୍ୟୁଗିନି ପ୍ରଧାନମନ୍ତ୍ରୀ

ପୋର୍ଟ ମୋରେସ୍‌ବି : ଜାପାନ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାପୁଆ ନ୍ୟୁଗିନିଣ୍ଡର ପତମ ରାଜଧାନୀ ପୋର୍ଟ ମୋରେସ୍‌ବିରେ ଓହ୍ଲାଇବା ପରେ ସେଠାକାର ପ୍ରଧାନମନ୍ତ୍ରୀ ଜେମ୍ସ ମାରାପେ ପ୍ରଧାନମନ୍ତ୍ରୀ ମାରପେ ମୋଦିଙ୍କ ପାଦ ଛୁଇଁ ତାଙ୍କୁ ସ୍ୱାଗତ କରିଥିଲେ । ଏହାପରେ ମୋଦିଙ୍କୁ ବିମାନବନ୍ଦରରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା । ଏହି ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳକୁ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ଗସ୍ତ । ରିପୋର୍ଟ ମୁତାବକ ପାପୁଆ ନ୍ୟୁଗିନି ସରକାର ନିଜ ପରମ୍ପରା ଭାଙ୍ଗି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱାଗତ କରିଛନ୍ତି । ଏହି ଦେଶରେ ସୂର୍ଯ୍ୟାସ୍ତ ପରେ କୌଣସି ବିଦେଶୀ ଅତିଥିଙ୍କୁ ରାଜକୀୟ ସମ୍ମାନ ସହ ସ୍ୱାଗତ କରାଯାଇ ନ ଥାଏ । କିନ୍ତୁ ବିଶ୍ୱରେ ଭାରତର ସ୍ଥିତିକୁ ଦୃଷ୍ଟିରେ ରଖି ସେଠାକାର ସରକାର ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି ।



## ଏ ସଂଖ୍ୟାରେ..


କ୍ୟାନସର ଚିକିତ୍ସା ପାଇଁ ଚାପତି


ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ଗୁଜୁରାତି


ସୁନିଦ୍ରା ପାଇଁ ସାଲାଡ଼


ବହୁ ଉପକାରୀ ଡାଳିମ୍ବ ଚୋପା


ବୃକ୍କର ସ୍ୱାସ୍ଥ୍ୟ ପାଇଁ ବାର୍ଲି-ପାଣି


ଦହିର ଉପକାରିତା

# ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ବୈଠକ

ସୋନପୁର: ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ବୈଠକ ଜିଲ୍ଲା ପରିଷଦ ଅଧକ୍ଷା ସୁପାର ଠେଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜିଲ୍ଲାପାଳ ତଥା ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ସୂର୍ଯ୍ୟନାରାୟଣ ଦାଶ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଜିଲ୍ଲା ପରିଷଦ ଉପାଧକ୍ଷ ଝସକେତନ ବଘାର, ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ / ସଦସ୍ୟା, ସମସ୍ତ ବ୍ଲକର ଅଧକ୍ଷ/ ଅଧକ୍ଷା, ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବୈଠକରେ ଉପସ୍ଥିତ ପରିଷଦର ସମସ୍ତ ସଦସ୍ୟ ସଦସ୍ୟା, ବ୍ଲକ ଅଧକ୍ଷ ଅଧକ୍ଷା, ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖଙ୍କୁ ବୈଠକରେ ସ୍ୱାଗତ କରିଥିଲେ । ପରେ ସଦସ୍ୟ ସଦସ୍ୟାଙ୍କ ଦ୍ୱାରା ଆଗତ ବିଭିନ୍ନ ପ୍ରଶ୍ନର ଉତ୍ତର ତଥା ନିଆଯାଇଥିବା ନିଷ୍ପତ୍ତି ନେଇ ବିବରଣୀ ଉପସ୍ଥାପନା କରିଥିଲେ ମୁଖ୍ୟ ଉନ୍ନୟନ ଅଧିକାରୀ । ଜିଲ୍ଲା ପରିଷଦ ଅଧକ୍ଷ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ଦିଗରେ ସମସ୍ତ ବିଭାଗ ଉପଯୁକ୍ତ ସମନ୍ୱୟ ରଖି ଯୋଜନା କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ନିଜ ବକ୍ତବ୍ୟରେ ସରକାରଙ୍କ ପ୍ରତିଟି ଜନମଙ୍ଗଳ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ସଫଳତାର ସହ ପହଞ୍ଚାଇବା ସହ ପ୍ରକଳ୍ପ ଗୁଡିକୁ ସମୟ ଅବଧିରେ ସାରିବାକୁ ଆହ୍ୱାନ ଦେଇଛନ୍ତି । ବୈଠକରେ ଜିଲ୍ଲା ପରିଷଦ ବୈଠକର ବିବରଣୀକୁ ଅନୁମୋଦନ ନିମନ୍ତେ ଗୃହରେ ଆଗତ କରାଯାଇଛି । ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଏବଂ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଦ୍ୱାରା ଜିଲ୍ଲା ପଞ୍ଚାୟତ ଉନ୍ନୟନ ଯୋଜନା ପାଇଁ ପ୍ରସ୍ତାବିତ ପ୍ରକଳ୍ପ ଗୁଡିକୁ ଅନୁମୋଦନ ନିମନ୍ତେ ଗୃହରେ ଉପସ୍ଥାପନ କରାଯାଇଛି । ଏହି ଅବସରରେ ବୈଠକରେ ଜିଲ୍ଲାର ବିଦ୍ୟୁତ ବିଭାଗରେ କାର୍ଯ୍ୟକାରିତାର ଆଲୋଚନା କରାଯାଇ ସ୍କୁଲ ଅଙ୍ଗନବାଡି କେନ୍ଦ୍ର ପରିସର ଉପରେ ଯାଇଥିବା ବିଦ୍ୟୁତ ତାରକୁ ଅପସାରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ କାର୍ଯ୍ୟକ୍ରମ, ବୟନ ବିଭାଗର ସଠିକ କାର୍ଯ୍ୟକାରିତା, ବନ ବିଭାଗ ଦ୍ୱାରା ସାମାଜିକ ବନୀକରଣ, ରାସ୍ତା ପାର୍ଶ୍ୱ ବୃକ୍ଷ ରୋପଣ ତଥା ବନ୍ୟ ଜନ୍ତୁ ଦ୍ୱାରା କ୍ଷୟକ୍ଷତିର ଅନୁକମ୍ପା ସହ ବନ୍ୟ ଜନ୍ତୁ ଦାଉରୁ ସୁରକ୍ଷା ନିମନ୍ତେ ବିଭାଗୀୟ ପଦକ୍ଷେପ ଉପରେ ଆଲୋଚନା କରାଯାଇଛି । ପୁନଶ୍ଚ ଜିଲ୍ଲା ଶିକ୍ଷା ବିଭାଗ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ଜିଲ୍ଲା ମଙ୍ଗଳ ବିଭାଗ, ଜିଲ୍ଲା ଶିକ୍ଷା କେନ୍ଦ୍ରର କାର୍ଯ୍ୟକାରିତା , ଜିଲ୍ଲା ଯୋଗାଣ ବିଭାଗ, ସେବା ସମବାୟ ଜିଲ୍ଲା ଶ୍ରମ ବିଭାଗ, ଜଳ ସେଚନ ବିଭାଗ, ବିଦ୍ୟୁତ ବିଭାଗ, ମତ୍ସ୍ୟ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ ବିଭାଗ, ଆରଡବ୍ଲୁଡି, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ, ଜିଲ୍ଲା ନିୟୋଜନ ବିଭାଗ, ତେଲ ଜଳସେଚନ ବିଭାଗ ଦ୍ୱାରା ସରକାରଙ୍କ କାର୍ଯ୍ୟକାରୀ ବିଭିନ୍ନ ପ୍ରକଳ୍ପଗୁଡିକର ସ୍ଥିତି, ଅବସ୍ଥିତି ଓ ନୂତନ ଭାବେ ପ୍ରସ୍ତାବିତ ପ୍ରକଳ୍ପ ଗୁଡ଼ିକ ଉପରେ ବିଭାଗୀୟ ଅଧିକାରୀ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ ଓ ଜିଲ୍ଲା ପରିଷଦ ଦ୍ୱାରା ଗ୍ରାମୀଣ ଆବାସ ଯୋଜନା, ଏମଜିଏନଆରଇଜିଏସ, ସ୍ୱଚ୍ଛ ଭାରତ ମିଶନର କାର୍ଯ୍ୟକାରିତା ଉପରେ ସିଡିଓ ବୈଠକରେ ତଥ୍ୟ ପ୍ରଦାନ କରିଥିଲେ । ସଦସ୍ୟ ସଦସ୍ୟା ଜିଲ୍ଲାପରିଷଦ ବୈଠକର ତାରିଖ ସୂଚନା ଏବଂ ବୈଠକ ବିବରଣୀକୁ ସପ୍ତାହେ ପୂର୍ବରୁ ପ୍ରଦାନ କରିବାକୁ ଗୃହରେ ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ମର୍ମରେ ଜିଲ୍ଲାପାଳ ଆଗାମୀ ଦିନରେ ଏହାକୁ ସୁନିଶ୍ଚିତ କରାଯିବା ଉପରେ ସଦସ୍ୟ ସଦସ୍ୟାଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ପରେ ପରେ ସଦସ୍ୟ ସଦସ୍ୟା ନିଜ ନିଜ ଅଞ୍ଚଳରେ କାର୍ଯ୍ୟକାରୀ କରାଯାଉଥିବା ପ୍ରକଳ୍ପ ଉପରେ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ପ୍ରଶ୍ନ ରଖିଥିଲେ ଓ ବିଭାଗୀୟ ଅଧିକାରୀ ଗୃହରେ ନିଜ ନିଜ ବିଭାଗର କାର୍ଯ୍ୟକାରିତା ଉପରେ ଅବଗତ କରାଇ ଆବଶ୍ୟକ ଉତ୍ତର ଦେଇଥିଲେ । ଶେଷରେ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସନତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂଘ ଶିକ୍ଷା ବର୍ଗରେ ଯୋଗଦେଲେ ଦୁଇ ରାଜ୍ୟର ସ୍ୱୟଂସେବକ

ସମ୍ବଲପୁର : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବାର୍ଷିକ କ୍ଷେତ୍ରୀୟ ପ୍ରଶିକ୍ଷଣ ଶିବିର ଧନୁପାଲି ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଆରମ୍ଭ ହୋଇଛି । ଓଡ଼ିଶା ଏବଂ ପଶ୍ଚିମବଙ୍ଗରୁ ୧୯୮ ଜଣ ସ୍ୱୟଂସେବକ ଏହି ଦ୍ୱିତୀୟ ବର୍ଷ ସଂଘ ଶିକ୍ଷାବର୍ଗରେ ଯୋଗ ଦେଇଛନ୍ତି । ୨୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିର ଜୁନ୍ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ସଂଘସେବକମାନଙ୍କ ଶାରୀରିକ, ବୌଦ୍ଧିକ ତଥା ସଂଘ କାର୍ଯ୍ୟ ପାଇଁ ଆବଶ୍ୟକୀୟ ଗୁଣାବଳୀର ବିକାଶ ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯିବ । ବର୍ଗରେ ୬୦ ଜଣ ଶିକ୍ଷକ ଏବଂ ପ୍ରବନ୍ଧକ ଶିବିର ପରିଚାଳନାରେ ନିଜର ସମୟ ଦାନ କରୁଛନ୍ତି । ଶିକ୍ଷାର୍ଥୀମାନଙ୍କୁ ବର୍ଗରେ କ୍ଷେତ୍ର କାର୍ଯ୍ୟବାହ, ଦୁର୍ଗାପ୍ରସାଦ ସାହୁ, କ୍ଷେତ୍ର ପ୍ରଚାରକ ରମାପଦ ପାଲ୍, କ୍ଷେତ୍ର ପ୍ରଚାରକ ପ୍ରମୁଖ ପ୍ରସନ୍ନ ମିଶ୍ର, ପ୍ରାନ୍ତ ପ୍ରଚାରକ ବିଷ୍ଣୁ ପାତ୍ର ପ୍ରମୁଖ କାର୍ଯ୍ୟକର୍ତ୍ତାମାନଙ୍କ ମାର୍ଗଦର୍ଶନ ପ୍ରାପ୍ତ ହେବ ବୋଲି ଜଣାପଡ଼ିଛି ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ଝାରସୁଗୁଡ଼ା: ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ସକାଶେ ପ୍ରାକ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ ପୂର୍ବକ ତତ୍ ସମ୍ପର୍କିତ ରିପୋର୍ଟ ଆସନ୍ତା ୧୫ ଦିନ ମଧ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବରଗଡ଼ ସାଂସଦ ସୁରେଶ ପୂଜାରୀ ବୈଠକରେ ଯୋଗ ଦେଇ ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ଥାୟୀ ପ୍ରତିକାର ପାଇଁ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟପନ୍ଥା ଗ୍ରହଣ ସହ ଅଟକଳ ପ୍ରସ୍ତୁତ ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲାର ସମସ୍ତ ବ୍ଲକ ଓ ପୌରପାଳିକାର ବିଭିନ୍ନ ଅଞ୍ଚଳରେ ନଦୀଜଳ ପ୍ରବେଶ କରୁଥିବା ସ୍ଥାନଗୁଡ଼ିକ ପ୍ରତି ସତର୍କ ଦୃଷ୍ଟି ରକ୍ଷା କରିବା, ପ୍ରାକପ୍ରସ୍ତୁତି ପୂର୍ବକ ବାଲି ବସ୍ତା ଓ ସିମେଣ୍ଟ ବସ୍ତା ମହଜୁଦ ରଖିବା, ବିଦ୍ୟାଳୟରେ ଅସ୍ଥାୟୀ ଆଶ୍ରୟସ୍ଥଳ, ପ୍ରସ୍ତୁତ କରିବା, ଚୂଡ଼ା ଚାଉଳ ଓ ଆବଶ୍ୟକୀୟ ଔଷଧ ଗଚ୍ଛିତ ରଖିବା, ପାନୀୟଜଳ ବ୍ୟବସ୍ଥା, ନଳକୂପ ବିଶୋଧନ, ଗୃହପାଳିତ ପଶୁଙ୍କ ସକାଶେ ଖାଦ୍ୟ ଓ ଔଷଧ, ଉଦ୍ଧାର କାର୍ଯ୍ୟ ପାଇଁ ରିଲିଫ ଦଳ ଗଠନ ଓ ସେମାନଙ୍କ ପ୍ରଶିକ୍ଷଣ, ବିଭିନ୍ନ ସାମାଜିକ ସଂଗଠନ ସହ ଯୋଗାଯୋଗ ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା । ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରବୀର କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷା ତୁଳାବତୀ ମିଞ୍ଜ, ଝାରସୁଗୁଡ଼ା ବିଧାୟିକା ପ୍ରତିନିଧି ପ୍ରତାପ ନନ୍ଦ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଲଙ୍କେଶ୍ୱର ଅମାତ, ଉପଜିଲ୍ଲାପାଳ କିଶୋରଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଲମ୍ବୋଦର ବୁଡ଼ା, ଡେପୁଟି କଲେକ୍ଟର ପ୍ରତିମା ପିଙ୍ଗ, ଡିପିଓ ସୁଶାନ୍ତ ମିଶ୍ର, ପଞ୍ଚାୟତ ସମିତି ଅଧକ୍ଷ/ଅଧକ୍ଷା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ସମେତ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଈଶ୍ୱର କେଉଁଠି ନାହାନ୍ତି ?

ଜନମାନସକୁ ଜ୍ଞାନର ଅମୃତ ପାନ କରାଇ ଚାଲିଥିବା ଗୁରୁ ନାନକଦେବ ଭାରତର କୋଣ ଅନୁକୋଣର ଯାତ୍ରା କରି ସାରିଥିଲେ । କିଛି ଦିନ କରତାରପୁରରେ ବିଶ୍ରାମ କରିବା ପରେ ତାଙ୍କ ହୃଦୟରେ ଭଗବଦ୍ ଭକ୍ତିର ପ୍ରଚାର କରିବା ପାଇଁ ଏକ ନୂତନ ଲହର ଉଠିଲା । ତାଙ୍କ ଆତ୍ମା ତାଙ୍କୁ କହିଲା– ''ଉଠ ନାନକ ! ତୁମର କାର୍ଯ୍ୟ ଏବେ ସମ୍ପୂର୍ଣ୍ଣ ହୋଇ ନାହିଁ । ଏବେ ଆହୁରି କିଛି ଲୋକ ତୁମର ପ୍ରତୀକ୍ଷା କରିଛନ୍ତି ।

ନିଜ ଅନ୍ତରାତ୍ମାର ସ୍ୱର ଶୁଣି ଗୁରୁ ନାନକଦେବ ଆରବ ଦେଶକୁ ଯାତ୍ରା କଲେ । ସେତେବେଳେ ହଜ କରିବାକୁ ଯାଉଥିବା ଲୋକେ ସୁରାଟ ବନ୍ଦରରୁ ହିଁ ମକ୍କା –ମଦୀନା ଯାତ୍ରା କରୁଥିଲେ । ଗୁରୁ ନାନକଦେବ ବି ସୁରାଟରେ ପହଞ୍ଚିଲେ । ସେଠାରୁ ଜଳଜାହାଜରେ ଚଢ଼ି ସେ ଆରବ ଦେଶ ଦିଗରେ ଚାଲିଲେ । ଭାଇ ମରଦାନା ମଧ୍ୟ ତାଙ୍କ ସାଙ୍ଗରେ ଥିଲେ ।

ସମୁଦ୍ର କୂଳରୁ ମକ୍କା ପର୍ଯ୍ୟନ୍ତ ପାଦରେ ଚାଲି ଚାଲି ମରୁଭୂମିର ଯାତ୍ରା କରି ଗୁରୁଜି ବହୁତ ଥକି ଯାଇଥିଲେ । ମର ଦାନଙ୍କୁ ସେ କହିଲେ – ''ଏବେ ତୁମେ ଶୋଇଯାଅ ।'' ସେଠାରେ ହଜ ଯାତ୍ରାରେ ଆସିଥିବା ସବୁ ଲୋକ ନାନକ ଦେବଙ୍କ ଆଖପାଖରେ ହିଁ ଶୋଇଥିଲେ । ରାତିରେ ନାନକ ଦେବ ଥଣ୍ଡା ବାଲି ଉପରେ ଶୋଇଥିବା ବେଳେ ତାଙ୍କ ଗୋଡ଼ ମକ୍କା ଦିଗକୁ ଥିଲା, ଯାହାକୁ 'କାବା' କୁହାଯାଉଥିଲା । ମକ୍କା ଦିଗକୁ, କାବା ଦିଗକୁ ପାଦ କରି ଶୋଇବା ମୁସଲିମ ଆସ୍ଥା ଦୃଷ୍ଟିରୁ ବହୁତ ବଡ଼ ଅପରାଧ ମନେ କରାଯାଉଥିଲା, କାରଣ ମକ୍କା ଶରୀଫ ଖୋଦାଙ୍କ ଘର । ଏଣୁ ମୁସଲମାନ ହଜ ଯାତ୍ରୀମାନେ ଯେତେବେଳେ ଜଣେ ଫକିରକୁ (ଗୁରୁ ନାନକ ଦେବଙ୍କ) ମକ୍କା ଦିଗରେ ଗୋଡ଼ ଲମ୍ବାଇ ଶୋଇଥିବାର ଦେଖିଲେ ତ ସେମାନେ କ୍ରୋଧିତ ହୋଇଗଲେ ।

ସେମାନେ ସମସ୍ତେ ଗୁରୁ ନାନକଦେବଙ୍କ ପାଖକୁ ଆସିଲେ, କିନ୍ତୁ ଗୁରୁ ନାନକଦେବ ତ ଆରାମରେ ଶୋଇଥିଲେ । ଲୋକେ ତାଙ୍କ ବିଷୟରେ କ'ଣ ଭାବୁଛନ୍ତି ତାଙ୍କୁ କି ଜଣା । ହଜ ଯାତ୍ରୀମାନେ କ୍ରୋଧ ଜର୍ଜରିତ ହୋଇ ତାଙ୍କ ପାଖରେ ଠିଆ ହୋଇଥିଲେ । ସେମାନଙ୍କର ଆୟତ୍ତରେ ଥିଲେ ସେମାନେ ତାଙ୍କୁ ଜୀବନରୁ ମାରି ଦେଇଥାନ୍ତେ, କିନ୍ତୁ ଗୁରୁ ନାନକଦେବ ସଂସାରରେ ରହୁଥିଲେ ମଧ୍ୟ ଏ ସଂସାରର ମାନବ ଥିଲେ କେଉଁଠି ।

ସେ ତ ମହାମାନବ ଥିଲେ । ସେ ତ ମହାପୁରୁଷ ଥିଲେ । ସେ ଜଣେ ମହାନ୍ ଆତ୍ମା ଥିଲେ । ସେ ଜଣେ ଉଚ୍ଚକୋଟିର ଈଶ୍ୱରଭକ୍ତ ଥିଲେ । ତାଙ୍କ ମୁଖମଣ୍ଡଳରେ ଆତ୍ମପ୍ରକାଶର ଝଲକ ଥିଲା । ତାଙ୍କ ପାଖରେ ଠିଆ ହୋଇଥିବା ହଜଯାତ୍ରୀଗଣଙ୍କ ମଧ୍ୟରୁ ଜଣେ ଯାତ୍ରୀ କ୍ରୋଧର ଆବେଶରେ ଗୁରୁ ନାନକଦେବଙ୍କ ପାଖକୁ ଆସିଲା ଓ କ୍ରୋଧପୂର୍ଣ୍ଣ ସ୍ୱରରେ କହିଲା– ''ତୁ କିଏ । ତୁ କ'ଣ ଖୋଦାଙ୍କ ଘର ଦିଗକୁ ଗୋଡ଼ ଲମ୍ବାଇ ଶୋଇଛୁ । ଉଠ୍, ଚାଲିଯା ଏଠାରୁ ।

ବିଶ୍ରାମ ସ୍ଥିତିରେ ଗୁରୁ ନାନକଦେବ ନିଜର ପ୍ରକାଶପୂର୍ଣ୍ଣ ଦୃଷ୍ଟି ଖୋଲିଲେ, ମୃଦୁ ହସିଲେ ଓ କହିଲେ- 'କଥା କ'ଣ ଭାଇ ?' ଯାତ୍ରୀଟି କହିଲା– ''ଆରେ ତୁମେ ଖୋଦାଙ୍କ ଘର ଦିଗରେ ଗୋଡ଼ ଲମ୍ବାଇ ଶୋଇଛ, ତୁମକୁ କ'ଣ ଦେଖାଯାଉ ନାହିଁ ?

ଗୁରୁ ନାନକଦେବ କହିଲେ- ଭାଇ ! ରାଗୁଛ କାହିଁକି ? ମୁଁ ତ ଜଣେ ଫକିର । ଖୋଦାଙ୍କ ଘର କେଉଁ ଆଡ଼େ ମୋତେ ତ ଜଣା ନାହିଁ । ପୁଣି ମୁଁ ବହୁତ ଥକି ଯାଇଛି । ତୁମେ ଯଦି ଚାହୁଁଛ ଯେ ମୁଁ ଖୋଦାଙ୍କ ଆଡ଼କୁ ଗୋଡ଼ ରଖିବି ନାହିଁ, ତେବେ ତୁମେ ନିଜେ ମୋର ଗୋଡ଼କୁ ଉଠାଇ ଖୋଦାଙ୍କ ଘର ନ ଥିବା ଦିଗରେ ରଖିଦିଅ ।

ସେହି ହଜଯାତ୍ରୀ ତ ସହଜେ କ୍ରୋଧରେ ଥିଲା, ତେଣୁ ସେ ଭୀଷଣ କ୍ରୋଧ ଓ ଘୃଣାରେ ଗୁରୁଜିଙ୍କ ପାଦକୁ ଉଠାଇ ଅନ୍ୟ ଏକ ଦିଗରେ ରଖିଦେଲା, କିନ୍ତୁ ଏ କ'ଣ ? ସେହି ହଜଯାତ୍ରୀ ଜଣକ ଯେଉଁ ଦିଗକୁ ଗୁରୁଜିଙ୍କ ଗୋଡ଼ ବୁଲାଇ ରଖିଲା, ମକ୍କା ମଧ୍ୟ ସେହି ଦିଗକୁ ବୁଲିଗଲା । ହଜଯାତ୍ରୀ ଭାବିଲା – ବୋଧହୁଏ ଏହା ମୋର ଭୁଲ । ସମ୍ଭବତଃ ମୁଁ ଗୋଡ଼ ବୁଲାଇ ନାହିଁ, ସେଥିପାଇଁ ଏବେ ବି ଫକିରର ଗୋଡ଼ ମକ୍କା ଦିଗକୁ ଅଛି । ସେ ପୁଣି ଥରେ ନାନକଦେବଙ୍କ ଗୋଡ଼ ବୁଲାଇଲା, କିନ୍ତୁ ଖୋଦାଙ୍କ ଘର ପୁଣି ସେହି ଦିଗକୁ ବୁଲିଗଲା । ସେଠାରେ ଛିଡ଼ା ହୋଇଥିବା ସମସ୍ତ ହଜଯାତ୍ରୀ ଏହା ଦେଖି ଚକିତ ହୋଇଗଲେ ।

ସେମାନେ ଚୁପଚାପ୍ ଠିଆ ହୋଇଥିଲେ । ଏହି ଚମତ୍କାର ଦେଖି ହଜଯାତ୍ରୀମାନେ ଭାବିଲେ- ଇଏ କି ପ୍ରକାର ବ୍ୟକ୍ତି, ଯିଏ ଖୋଦାଙ୍କ ଘରକୁ ବି ବୁଲାଇ ଦେଉଛି । ଇଏ ନିଶ୍ଚୟ ଜଣେ ସିଦ୍ଧ ଫକିର । ସେଠାରେ ଉପସ୍ଥିତ ସମସ୍ତ ହଜଯାତ୍ରୀ ଗୁରୁ ନାନକଦେବଙ୍କ ଚରଣରେ ପଡ଼ିଯାଇ କ୍ଷମା ମାଗିଲେ । ଏକଥା ସେଠାରେ ଚାରିଆଡ଼େ ବ୍ୟାପିଗଲା । ଅନ୍ୟ ସବୁ ଦେଶରୁ ଆସିଥିବା ହାଜୀ, କାଜି, ମୌଲବୀ ଆଦି ଗୁରୁ ନାନକଦେବଙ୍କ ପାଖକୁ ଆସିବାରେ ଲାଗିଲେ । ସେମାନେ ସମସ୍ତେ ନାନକଦେବଙ୍କ ସହିତ ବାର୍ତ୍ତାଳାପ କରିବା ପାଇଁ ତାଙ୍କ ପାଖରେ ବସିଗଲେ, କିନ୍ତୁ ବାର୍ତ୍ତାଳାପ ବାହାନାରେ ସେମାନେ ପ୍ରକୃତରେ ଗୁରୁ ନାନକଦେବଙ୍କ ପରୀକ୍ଷା ନେବାକୁ ଚାହୁଁଥିଲେ । ଅନ୍ତର୍ଯାମୀ ଗୁରୁ ନାନକ ଦେବ ସେମାନଙ୍କ ମନୋଭାବକୁ ବୁଝି ସାରିଥିଲେ ।

ସେଠାରେ ଉପସ୍ଥିତ ଲୋକଙ୍କ ମଧ୍ୟରୁ ଜଣେ କାଜି ପ୍ରଶ୍ନ କଲା– ''ଆପଣ ହିନ୍ଦୁ ନା ମୁସଲମାନ ?' ମୁଁ ହିନ୍ଦୁ ନୁହେଁ କି ମୁସଲମାନ ନୁହେଁ । ମୁଁ ତ ଈଶ୍ୱରଙ୍କ ଦ୍ୱାରା ଉତ୍ପନ୍ନ କରାଯାଇଥିବା ଜଣେ ପ୍ରାଣୀ । ମୁଁ ସେହି ଈଶ୍ୱରଙ୍କର ଜଣେ ସଚ୍ଚା ସେବକ ମାତ୍ର ।'- ଗୁରୁ ନାନକଦେବ ଉତ୍ତର ଦେଲେ ।

କାଜିମାନେ ପୁଣି ପ୍ରଶ୍ନ କଲେ- ଯଦି ତୁମେ କିଛି ନୁହଁ, ତାହେଲେ ହିନ୍ଦୁ- ମୁସଲମାନଙ୍କ ମଧ୍ୟରୁ କିଏ ବଡ଼ ? ଉଭୟ ଜଣେ ହିଁ ଈଶ୍ୱରଙ୍କ ଦ୍ୱାରା ଉତ୍ପନ୍ନ ହୋଇଥିବା ପ୍ରାଣୀ ।''– ଗୁରୁ ନାନକଦେବ କହିଲେ ।

ସେ ଆଗକୁ ପୁଣି କହିଲେ- ''ଈଶ୍ୱର ତ ପ୍ରେମର ସାଗର । ଯେଉଁଠି ପ୍ରେମ ଅଛି, ସେଠାରେ ଈଶ୍ୱର ଅଛନ୍ତି ଏବଂ ଯେଉଁଠି ଘୃଣା ଅଛି, ସେଠାରେ ସଇତାନ ଅଛି । ପ୍ରଶ୍ନ ଏହା ନୁହେଁ ଯେ ଈଶ୍ୱର କେଉଁଠି ଅଛନ୍ତି ? ପ୍ରଶ୍ନ ହେଉଛି, ସେ କେଉଁଠି ନାହାନ୍ତି ? ସେ ତ ପ୍ରତ୍ୟେକ ପ୍ରାଣୀର ଆତ୍ମାରେ ବିରାଜମାନ କରିଛନ୍ତି । ସେ ସର୍ବତ୍ର ଅଛନ୍ତି, ସର୍ବବ୍ୟାପୀ । ସେହି ନିରାକର ବ୍ରହ୍ମ କେଉଁଠି ନାହାନ୍ତି ? ସେ ଏଠାରେ ଅଛନ୍ତି, ସେଠାରେ ବି ଅଛନ୍ତି । ସବୁ ଦିଗରେ ଅଛନ୍ତି । ସେ ପାଖରେ ଅଛନ୍ତି ଓ ଦୂରରେ ଅଛନ୍ତି । ସେ ତ ବ୍ରହ୍ମାଣ୍ଡର କଣ କଣରେ ପରିବ୍ୟାପ୍ତ । ତେଣୁ ଈଶ୍ୱରଙ୍କର ପୂଜା କରିବାକୁ ହେଲେ ମନ ଭିତରୁ ଘୃଣା ଓ ହିଂସାକୁ ବାହାର କରିଦେଇ ହୃଦୟରେ ପ୍ରେମ ଭରି ତାଙ୍କର ପୂଜା କର । ପ୍ରେମ ଦ୍ୱାରା ହିଁ ଈଶ୍ୱରଙ୍କ ପୂଜା କରାଯାଇପାରେ ଏବଂ ତାଙ୍କୁ ପ୍ରେମଦୃଷ୍ଟିରେ ହିଁ ଦେଖି ବୁଝାଯାଇ ପାରେ ତଥା ଅନୁଭବ କରାଯାଇ ପାରେ ।

ଗୁରୁ ନାନକଦେବଙ୍କ କଥା ଶୁଣି ସେଠାରେ ଉପସ୍ଥିତ ସମସ୍ତ ହାଜୀ, କାଜି, ମୌଲବୀ ହତପ୍ରଭ ଥିଲେ ଏବଂ ବିସ୍ମିତ ବି ଥିଲେ । ଗୁରୁ ନାନକଦେବଙ୍କ କଥାଗୁଡ଼ିକୁ ଶୁଣି ସେମାନେ ବୁଝି ଯାଇଥିଲେ ଯେ ବାସ୍ତବରେ ଈଶ୍ୱର ସର୍ବତ୍ର ବିଦ୍ୟମାନ, ବ୍ୟାପକ ଅଟନ୍ତି । ସେ ପ୍ରେମସ୍ୱରୂପ, ଜ୍ଞାନସ୍ୱରୂପ, ଆନନ୍ଦସ୍ୱରୂପ । ଶେଷରେ ସେମାନେ ସମସ୍ତେ ଗୁରୁଜିଙ୍କ ଚରଣରେ ନତମସ୍ତକ ହୋଇଗଲେ ।

# ଆଧ୍ୟାତ୍ମିକ ଜୀବନର ଆଦର୍ଶ - ଭଗବାନ ଶିବ

**ଆ**ଧ୍ୟାତ୍ମିକ ଜୀବନରେ ଆଦର୍ଶର ଚୟନ ଏକ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ । ନିଜର ରୁଚି, ସ୍ୱଭାବ ଓ ପ୍ରକୃତି ଅନୁରୂପ ଏହାର ନିର୍ଦ୍ଧାରଣ କରାଯାଏ । ସନାତନ ଧର୍ମରେ ଜୀବନରେ ପୂର୍ଣ୍ଣତା ପ୍ରାପ୍ତ ହୋଇଥିବା ଆଧ୍ୟାତ୍ମିକ ଆଦର୍ଶଗୁଡିକର ଦୀର୍ଘ ଶୃଙ୍ଖଳା ରହିଛି, ଯାହା ମଧ୍ୟରୁ ଆମେ ଏହି ଚୟନ କରିପାରିବା । ଏଥି ମଧ୍ୟରେ ଭଗବାନ ଶିବ ସ୍ୱୟଂ ଅପ୍ରତିମ, ଅଦ୍ୱିତୀୟ, ଆଧ୍ୟାତ୍ମିକ ପୂର୍ଣ୍ଣତାର ମୂର୍ତ୍ତିମାନ୍ ପ୍ରତୀକ ଅଟନ୍ତି । ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର ହେଉଥିବା ମୁମୁକ୍ଷୁ ସାଧକ ଓ ସଦ୍‌ଗୃହସ୍ଥଙ୍କ ପାଇଁ ସେ ସହଜରେ ପ୍ରେରଣାର ପୁଞ୍ଜ ।

ଭଗବାନ ଶିବଙ୍କୁ ଯୋଗର ଜନକ କୁହାଯାଏ । ସେ ଆଦିଯୋଗୀ, ଆଦିଗୁରୁ । ଯେଉଁମାନଙ୍କର କେହି ଗୁରୁ ନ ଥିବେ, ସେମାନେ ଶିବଙ୍କୁ ନିଜର ଗୁରୁ ମାନି ପାରନ୍ତି, ଏହା ଶାସ୍ତ୍ରସଙ୍ଗତ ମତ । ପ୍ରାୟ ଭଗବାନ ଶିବଙ୍କ ସ୍ୱରୂପ କୌଣସି ପର୍ବତ ଶିଖର ବା ଏକାନ୍ତ ସ୍ଥାନରେ ଧ୍ୟାନମଗ୍ନ ଥିବା ରୂପେ ଦେଖାଯାଇଥାଏ । ତାଙ୍କ ଶରୀରରେ ସୁଶୋଭିତ ସମସ୍ତ ବିଚିତ୍ର ଶୃଙ୍ଗାର ଭକ୍ତି ଓ ସାଧକମାନଙ୍କ ଧ୍ୟାନ ଆକର୍ଷଣ କରିଥାଏ, ଯାହା ମଧ୍ୟରେ ଗୂଢ ଆଧ୍ୟାତ୍ମିକ ରହସ୍ୟ ନିହିତ ଥାଏ ।

ଭଗବାନ ଶିବଙ୍କ ମଥାରେ ଚନ୍ଦ୍ର ବିରାଜମାନ ଥାଆନ୍ତି, ଯିଏ ଶୀତଳତାର ପ୍ରତୀକ । ଆମେ ମଧ୍ୟ ଜୀବନର ବିଷମତା – ଅନୁକୂଳତା, ଉତ୍ଥାନ-ପତନ, ଶୁଭ- ଅଶୁଭ ମଧ୍ୟରେ ଶାନ୍ତ ଓ ଶୀତଳ ରହିବା ଉଚିତ ତଥା ପ୍ରମୁଦିତ ରହିବାର ଅଭ୍ୟାସ କରିବା ଦରକାର । ଶିବ ଗଙ୍ଗାମାତାଙ୍କୁ ନିଜ ଜଟାରେ ଧାରଣ କରିଥାନ୍ତି । ରାଜା ଭଗୀରଥଙ୍କ ତପ ଫଳରେ ଗଙ୍ଗାମାତା ଧରିତ୍ରୀରେ ଅବତରଣ କରିବା ବେଳେ ତାଙ୍କର ତୀବ୍ର ବେଗକୁ ଭଗବାନ ଶିବ ଜଟାରେ ଧାରଣ କରିଥିଲେ । ଏହା ଶିବଙ୍କର ସମର୍ଥତା ଓ ଲୋକହିତ ପାଇଁ ଉଦାର ସହଯୋଗର ପ୍ରତୀକ ।

ଏହିପରି ଭଗବାନ ଶିବ ପାତ୍ରତାର ବିକାଶ ଓ ଲୋକହିତ ନିମନ୍ତେ ଉଦାର ସହଯୋଗର ପ୍ରେରଣା ଦିଅନ୍ତି । ଏହା ସହିତ ଭଗବାନ ଶିବଙ୍କର କୈଳାସ ପର୍ବତ ବା ହିମାଳୟର ଶିଖର ଉପରେ ନିବାସ ତାଙ୍କର ତପ ପ୍ରଧାନ ଏକାନ୍ତ ଜୀବନକୁ ଦର୍ଶାଇ ଥାଏ । ଭଗବାନ ଶିବଙ୍କ ଆରାଧକ ମଧ୍ୟ ସାଂସାରିକ ଜୀବନର ଜଟିଳ ପ୍ରବାହ ମଧ୍ୟରେ ଏଭଳି ଆର୍ଥିକ ପ୍ରଗତି ନିମନ୍ତେ ଆବଶ୍ୟକ ସଂଯୋଗ ଗୁଡିକର ବ୍ୟବସ୍ଥା କରିବା ଦରକାର ।

ଭଗବାନ ଶିବଙ୍କ ଦେହରେ ଭସ୍ମର ଲେପ ରହିଥାଏ, ଯାହା ଜୀବନର ନଶ୍ୱର ସ୍ୱରୂପର ବୋଧ କରାଇଥାଏ । ଦିନେ ଭସ୍ମର ଗଦା ରୂପେ ଏହି ଶରୀରର ଅନ୍ତ ହୋଇଯିବ । ଏଣୁ ଏଥିପ୍ରତି ଧ୍ୟାନ ରଖି ସର୍ବଦା ଆତ୍ମତତ୍ତ୍ୱର ଚିନ୍ତନ-ମନନ କରୁଥିବା ଆବଶ୍ୟକ, ନିଜ କର୍ତ୍ତବ୍ୟ ଗୁଡିକର ନିର୍ବାହ କରି ସର୍ବଦା ଅନାସକ୍ତ ଓ ନିର୍ଲିପ୍ତ ଭାବରେ ସଂସାରରେ ବିଚରଣ କରିବା ଉଚିତ ଭଗବାନ ଶିବ ଶ୍ମଶାନ ଘାଟରେ ବାସ କରନ୍ତି । ଏହାର ସନ୍ଦେଶ ହେଉଛି- ସର୍ବଦା ମୃତ୍ୟୁର ଧ୍ୟାନ ରଖାଯାଉ ତଥା ଜୀବନର ନଶ୍ୱର ସ୍ୱରୂପ ମଧ୍ୟରେ ଏହାର ଶାଶ୍ୱତ ପ୍ରବାହରେ ମନକୁ ନିମଗ୍ନ ରଖାଯାଉ, ଫଳରେ ବ୍ୟକ୍ତି ମନ୍ଦ କର୍ମଗୁଡିକରୁ ମୁକ୍ତ ରହିବ ଏବଂ ଦିନେ ଯେତେବେଳେ ମୃତ୍ୟୁ ଆସିବ ତ ସେଥିପାଇଁ ସେ ପ୍ରସ୍ତୁତ ହେବ ତଥା ଶରୀର ତ୍ୟାଗ ଜୀବନ ମହାଯାତ୍ରାର ଏବଂ ରହଣି ସ୍ଥଳ ରୂପେ ପ୍ରତୀତ ହେବ ଏବଂ ମୃତ୍ୟୁ ଦୁଃଖ ଓ ଶୋକ ପରିବର୍ତ୍ତେ ଉତ୍ସବର ରୂପ ଧାରଣ କରିନେବ ।

ଭୋଳାନାଥଙ୍କୁ ନୀଳକଣ୍ଠ ମଧ୍ୟ କୁହାଯାଏ, କାରଣ ସେ ସମୁଦ୍ର ମନ୍ଥନରୁ ନିର୍ଗତ କାଳକୂଟ ବିଷକୁ ନିଜ କଣ୍ଠରେ ଧାରଣ କରି ନେଇଥିଲେ । ଏହା ହେଉଛି ଜନହିତ ପାଇଁ ମହାନ୍ ତପ, ତ୍ୟାଗ ଓ ଆତ୍ମ ବଳିଦାନର ଦୁଃସାହସର ପ୍ରତୀକ, ତା ସହିତ ଏହା ବାଣୀର ଅସାଧାରଣ ସଂଯମର ସନ୍ଦେଶ ବି ଦେଇଥାଏ ।

ଆମେ ଅନ୍ୟମାନଙ୍କର ବିଷମ ଓ ପ୍ରତିକୂଳ ବ୍ୟବହାର ସତ୍ତ୍ୱେ ଉଦାରତା-ସହିଷ୍ଣୁତାର ପରିଚୟ ଦେବା ଏବଂ ବାଣୀରେ ମଧୁରତା, ଶାଳୀନତା ଓ ଧୈର୍ଯ୍ୟଶୀଳତାକୁ ଧାରଣ କରିବା ଆବଶ୍ୟକ । ଏହା ଭଗବାନ ନୀଳକଣ୍ଠଙ୍କର ପ୍ରକୃତ ଆରାଧନା ହେବ । ସଂସାରର କଟୁତା ଓ କ୍ଲେଶ ମଧ୍ୟରେ ବି ଶିବଭକ୍ତ, ସଂସାରର କଲ୍ୟାଣ କରିବାର ଆର୍ଥିକ ବୃଦ୍ଧିକୁ ତ୍ୟାଗ କରେ ନାହିଁ ଏବଂ ସ୍ୱୟଂ ବିଷ ପାନ କରି ମଧ୍ୟ ଅନ୍ୟମାନଙ୍କୁ ସର୍ବଦା ଅମୃତ ତତ୍ତ୍ୱ ବାଣ୍ଟିଥାଏ ।

ଭଗବାନ ଶିବ ତୃତୀୟ ନେତ୍ରଧାରୀ ଅଟନ୍ତି, ଯେଉଁଥିରେ କାମକୁ ଭସ୍ମ କରିବାର କ୍ଷମତା ଥାଏ । ତୃତୀୟ ନେତ୍ର ଦୂରଦର୍ଶିତା, ବିବେକ-ବୁଦ୍ଧିର ପ୍ରତୀକ, ଯାହା ଉଚିତ-ଅନୁଚିତର ଭେଦ କରିଥାଏ, ବର୍ତ୍ତମାନର ତାତ୍କାଳିକ ଲାଭ ପରିବର୍ତ୍ତେ ଦୂରଗାମୀ ପରିଣାମଗୁଡିକୁ ଦେଖି କଷ୍ଟ, ଅଭାବ ଥିଲେ ମଧ୍ୟ ବୁଦ୍ଧିମତ୍ତାପୂର୍ଣ୍ଣ ନିର୍ଣ୍ଣୟ ନେଇଥାଏ ।

ତୃତୀୟ ନେତ୍ର ଜାଗ୍ରତ ଆଜ୍ଞାଚକ୍ରକୁ କୁହାଯାଏ ଏହା ସ୍ୱୟଂ ଉପରେ ସ୍ୱାମିତ୍ୱର ପ୍ରତୀକ ମଧ୍ୟ । ଯେତିକି ଆମେ ସଂଯମ (ଇନ୍ଦ୍ରିୟ, ସମୟ, ବିଚାର ଓ ଅର୍ଥ ସଂଯମ)ର ଅଭ୍ୟାସ କରିବା, ଆମର ନିଜ ଉପରେ ସେତିକି ସ୍ୱାମିତ୍ୱ ସ୍ଥାପିତ ହେବ, ଆମେ ଆର୍ଥିକ ସମ୍ପଦର ଅଧିକାରୀ ହେବା, ଯାହାର ପୂର୍ଣ୍ଣତା ଶିବସ୍ୱରୂପ ମହାଯୋଗୀଙ୍କ ଅବସ୍ଥା ହୋଇଥାଏ, ଯିଏ ଆମର ଆଧ୍ୟାତ୍ମିକ ଆଦର୍ଶ ଅଟନ୍ତି ।

ଭଗବାନ ଶିବଙ୍କ ଗଳା ଓ ଶରୀର ଉପରେ ସାପ ଗୁଡେଇ ହୋଇ ରହି ଥିବାର ଦେଖାଯାଏ । ସର୍ପ ଅହଂକାର ଓ କ୍ରୋଧର ପ୍ରତୀକ, ଯିଏ ସାମାନ୍ୟ ଆଘାତ ମାତ୍ରେ ଫୁତ୍‌କାର କରିଥାଏ । ଏଭଳି ଭୟଙ୍କର ଜୀବ ମଧ୍ୟ ଭଗବାନ ଶିବଙ୍କ ଗଳାର ଶୃଙ୍ଗାର ହୋଇଥାଏ ଏବଂ ଶାନ୍ତ ଭାବରେ ତାଙ୍କ ସହିତ ଲାଗି ରହିଥାଏ, ତାଙ୍କର ରକ୍ଷା କରିଥାଏ ।

ଭଗବାନ ଶିବଙ୍କ ଗଳାରେ ସାପ ରହିବାର ଆଧ୍ୟାତ୍ମିକ ସନ୍ଦେଶ ହେଲା- କ୍ରୋଧୀ ଓ ଅହଂକାରୀ ବ୍ୟକ୍ତିକୁ ମଧ୍ୟ ନିଜର ସଂଯମ ଓ ପ୍ରେମ ବଳରେ ସାଧିବାର ପ୍ରୟାସ କରିବା ତଥା କୌଣସି ମହାନ୍ ଉଦ୍ଦେଶ୍ୟ ପୂରଣ ନିମନ୍ତେ ତାହାର ନିୟୋଜନ କରିବା ଦରକାର ।

ଭଗବାନ ଶିବ ବାଘାମ୍ବର ଆସନ ଉପରେ ବସିଥିବାର ଦେଖାଯାଏ । ବାଘ କ୍ରୂର ଓ ହିଂସ୍ର ପଶୁତାର ପ୍ରତୀକ, ଯାହାକୁ ଆସନ କରି ଭଗବାନ ଶିବ ଧ୍ୟାନ-ସାଧନାରେ ନିମଗ୍ନ ଥାଆନ୍ତି । ଏହିପରି ଜୀବନରେ ଅନ୍ତର୍ନିହିତ ପ୍ରବଳ ପଶୁତାକୁ ପ୍ରଭାବଶାଳୀ ହେବାକୁ ଦେବା ଉଚିତ ନୁହେଁ ଏବଂ ତାହା ଉପରେ ବସିପଡି ସାଧନାମୟ ଜୀବନଯାପନ କରିବା, ଭଗବାନ ଶିବଙ୍କର ଏହି ଭଙ୍ଗିମାର ପ୍ରେରଣା ଅଟେ । ଭଗବାନ ଶିବଙ୍କ ହାତରେ ତ୍ରିଶୂଳ ଓ ଡମ୍ବରୁ ଅଛି । ଡମ୍ବରୁ ସଙ୍ଗୀତ ଓ ନୃତ୍ୟ ଭଳି ଉଲ୍ଲାସର ପ୍ରତୀକ, ତେଣୁ ଆମେ ମଧ୍ୟ ସେହିପରି ନିଜର ସତ୍‌କର୍ମ ଓ ସନ୍ତନ ସହିତ ଜୀବନକୁ ସଙ୍ଗୀତମୟ କରିଚାଲିବା ତଥା ଏହି ପ୍ରମୁଦିତ ଅବସ୍ଥାରେ ନିଜର ଉଲ୍ଲାସକୁ ସନ୍ତାପଗ୍ରସ୍ତ ଜଗତରେ ବାଣ୍ଟିଚାଲିବା ଉଚିତ । ତ୍ରିଶୂଳ ଭଗବାନ ଶିବଙ୍କର ସଂହାରକ ଶକ୍ତିର ପ୍ରତୀକ, ଯାହା ତ୍ରିପୁରାସୁର ଦୈତ୍ୟର ବଧ କରିଥିଲା ।

ଜୀବନରେ କାମୈଷଣା, ଲୋଭୈଷଣା ଓ ଲୋକୈଷଣା ହିଁ ପ୍ରତ୍ୟକ୍ଷ ତ୍ରିପୁରାସୁର, ଯାହା ବ୍ୟକ୍ତିର ଜୀବନକୁ ଅସ୍ୱୀକାର କରିନେଇ ତାହାକୁ ନରକତୁଲ୍ୟ କରିଦିଏ । ଆମେ ମଧ୍ୟ ଭଗବାନ ଶିବଙ୍କ ଭକ୍ତ ହୋଇଥିବା ଦୃଷ୍ଟିରୁ ନିଜର ତ୍ରିଶୂଳକୁ ଧାରୁଆ କରୁଥିବା ଆବଶ୍ୟକ ଏବଂ ବାସନା, ତୃଷ୍ଣା ତଥା ଅହଂକାର ରୂପୀ ପାପର ଏହି ତିନି କିଲାକୁ ଧ୍ୱସ୍ତ କରି ଆଧ୍ୟାତ୍ମିକ ଜୀବନର ଆଦର୍ଶକୁ ଧାରଣ କରିବା ଜରୁରୀ ।

ଭଗବାନ ଶିବଙ୍କ ବାହନ ନନ୍ଦି ସୌମ୍ୟତା (କର୍ମଠତାର ପ୍ରତୀକ, ଗୋମାତାଙ୍କ ଠାରୁ ଉତ୍ପନ୍ନ ସାତ୍ତ୍ୱିକତା ଓ ସୌମ୍ୟତାର ପ୍ରତୀକ, କିନ୍ତୁ ଆବଶ୍ୟକତା ପଡିଲେ ସେ ଶୌର୍ଯ୍ୟ ଓ ପରାକ୍ରମରେ ମଧ୍ୟ କାହାଠାରୁ କମ୍ ନୁହେଁ । ଭଗବାନ ଶିବଙ୍କୁ ନିଜର ଆରାଧ୍ୟ ମାନୁଥିବା ନନ୍ଦୀଶ୍ୱରର ଏହି ବିଶେଷତାଗୁଡିକୁ ନିଜ ଜୀବନରେ ଧାରଣ କରିବା ଉଚିତ, ଯାହାକୁ ସର୍ବଥା ପ୍ରଶଂସନୀୟ କୁହାଯିବ ।

ଭଗବାନ ଶିବ ସଦ୍‌ଗୃହସ୍ଥ, ତାଙ୍କର ପୂରା ପରିବାର ଅଛି, ଯାହା ମଧ୍ୟରେ ମାତା ପାର୍ବତୀଙ୍କ ସହିତ ପୁତ୍ର କାର୍ତ୍ତିକେୟ ଓ ଗଣେଶ ଅଛନ୍ତି ଏବଂ ସାଙ୍ଗରେ ନନ୍ଦି ଓ ଅନ୍ୟ ଗଣ ବି ସାମିଲ ଥାଆନ୍ତି । ଏହି ରୂପରେ ସେ ଜଣେ ସଦ୍‌ଗୃହସ୍ଥ ଏବଂ ଯୋଗୀର ଆଦର୍ଶ ପ୍ରସ୍ତୁତ କରନ୍ତି, ଯିଏ ସଂସାରରେ ରହି ମଧ୍ୟ ଆଧ୍ୟାତ୍ମିକ ଜୀବନର ମୂର୍ତ୍ତିମାନ୍ ଆଦର୍ଶ ଅଟନ୍ତି । ଏକ ସନ୍ନ୍ୟାସୀ ଭଳି ଜଣେ ଗୃହସ୍ଥ ସକାଶେ ମଧ୍ୟ ଭଗବାନ ଶିବ ଆଧ୍ୟାତ୍ମିକ ଆଦର୍ଶ ହୋଇଥାନ୍ତି । ଏହା ତାଙ୍କର ବିରଳ ବିଶେଷତା, ଯେଉଁ କାରଣରୁ ସେ ଦେବମାନଙ୍କର ବି ଦେବ ମହାଦେବ ବୋଲାଇଥାନ୍ତ ।

ଭଗବାନ ଶିବଙ୍କର ପ୍ରଚଳିତ ରୂପ ଶିବଲିଙ୍ଗ ଅଟେ, ଯାହା ତାଙ୍କର ଦେହଭାବର ଊର୍ଦ୍ଧ୍ୱରେ ଆର୍ଥିକ ସ୍ୱରୂପକୁ ପ୍ରଦର୍ଶନ କରିଥାଏ । ଏହା ପ୍ରଖର ଭାବରେ ବୋଧ କରାଇଥାଏ ଯେ ସଂସାରର ସ୍ୱରୂପ ସାକାର ହେଲେ ମଧ୍ୟ ଏହାର ଆଧାର ଆତ୍ମା । ଏହି ରୂପରେ ଆଧ୍ୟାତ୍ମିକ ଦୃଷ୍ଟିରୁ ସଂସାରର ଭୌତିକ ସୌନ୍ଦର୍ଯ୍ୟର ଅଧିକ ମହତ୍ତ୍ୱ ନାହିଁ । ସାଧକ ସାଂସାରିକ ସୌନ୍ଦର୍ଯ୍ୟର ମୂଳରେ ନିହିତ ଚୈତନ୍ୟ ଈଶ୍ୱରୀୟ ପ୍ରବାହର ଉପାସନା କରିବା ଉଚିତ, ତାହାର ସାଧନା କରିବା ଦରକାର । ଏହା ହିଁ ଶିବଲିଙ୍ଗରେ ନିହିତ ସନ୍ଦେଶ ।

ସାଂସାରିକ ରୂପ-ସୌନ୍ଦର୍ଯ୍ୟରେ ହଜି ଯାଇ ଆତ୍ମବିସ୍ମୃତି ଏବଂ ଶିବତତ୍ତ୍ୱ ପ୍ରତି ବିମୁଖ ହେବା ମାନବୀୟ ଜୀବନର ଏକ ବଡ ବିଡମ୍ବନା କୁହାଯିବ । ଶିବଲିଙ୍ଗ ରୂପେ ଭଗବାନ ଶିବଙ୍କ ଉପାସନା ଏହି ଶାଶ୍ୱତ ସତ୍ୟର ପରିଚାୟକ । ଏହିପରି ଭାବରେ ଭଗବାନ ଶିବ ଏକ ଅଲୌକିକ, ଆଧ୍ୟାତ୍ମିକ ଆଦର୍ଶ ଅଟନ୍ତି ।

## ଆଜିର ଚିନ୍ତନ

**କ୍ଷୁ**ଦ୍ର ମାସିଡୋନିଆ ରାଜ୍ୟର ରାଜା ଆଲେକ୍‌ଜାଣ୍ଡାର । ରାଜ୍ୟ ପରେ ରାଜ୍ୟ ଜୟ କରି ଚାଲିଛନ୍ତି । ତଥାପି ରାଜ୍ୟ ଜୟର ପିପାସା ମେଣ୍ଟୁନି । ଶେଷରେ ସ୍ୱର୍ଣ୍ଣପ୍ରସୂ ଭାରତବର୍ଷ ଆକ୍ରମଣ କରିବାକୁ ବାହାରିଛନ୍ତି । ସାଥିରେ ଅଛନ୍ତି ସୈନ୍ୟସାମନ୍ତଙ୍କ ବିଶାଳ ପଟୁଆର । କୋଳାହଳରେ ଫାଟିପଡୁଛି ଏଥେନ୍ସ ନଗରୀର ରାଜରାସ୍ତା । ନଗରୀର ଉପାନ୍ତରେ ଏକ ଭଙ୍ଗା କୁଡ଼ିଆରେ ରହୁଥାନ୍ତି ଦାର୍ଶନିକ ଦାଓଜିନସ୍ ଓ କୁକୁରଟିଏ । ନ ଜାଣିଥିବା ଲୋକେ ତାଙ୍କୁ ଭିକାରି ବୋଲି ଭାବନ୍ତି । କୁଡ଼ିଆରେ ଶୋଇଥିଲେ ଦାଓଜିନସ । କୋଳାହଳ ଶୁଣି ନିଦ ଭାଙ୍ଗିଗଲା । ସେ ମୁଣ୍ଡ ଉଠେଇ ଦେଖନ୍ତି ତ ଆଲେକ୍‌ଜାଣ୍ଡାରଙ୍କ ବିଶାଳ ସେନା ଚାଲିଛନ୍ତି । ସେ ହଠାତ୍ ଉଠିପଡ଼ି ସୈନିକମାନଙ୍କ ଆଡ଼କୁ ଧାଇଁଲେ ଏବଂ ଉଚ୍ଚ କଣ୍ଠରେ ଚିତ୍କାର କଲେ- ରହିଯାଅ, ସମ୍ରାଟ୍ ଆଲେକ୍‌ଜାଣ୍ଡାରଙ୍କୁ ମୋର କିଛି ଦେବାର ଅଛି । ଏହା କହି ସେ ଆଲେକ୍‌ଜାଣ୍ଡାରଙ୍କ ନିକଟକୁ ଯାଇ ତାଙ୍କ ତାଙ୍କ ହାତରେ ମୁଦ୍ରାଟିଏ ଧରାଇଦେଲେ । ବିସ୍ମିତ ହୋଇ ଆଲେକ୍‌ଜାଣ୍ଡାର ପଚାରିଲେ– ଏହା କ'ଣ ? ଓଜିନସ୍ କହିଲେ – କିଛିଦିନ ତଳେ ଜଣେ ଧନିକ ବ୍ୟକ୍ତି ମୋତେ ଭିକାରି ଭାବି ଏ ମୁଦ୍ରାଟିକୁ ମୋ କୁଡ଼ିଆ ଭିତରକୁ ଫୋପାଡ଼ି ଦେଇଥିଲେ । ମୁଁ ସେହିଦିନ ଭାବିଥିଲି, ମୋଠାରୁ ଆଉ ଜଣେ ବଡ଼ ଭିକାରି ଦେଖିଲେ ମୁଁ ତାଙ୍କୁ ଏହି ମୁଦ୍ରାଟି ଉପହାର ଦେବି । ଆଜି ତୁମକୁ ପାଇଗଲି, ତେଣୁ ତୁମ ହାତରେ ଏ ମୁଦ୍ରାଟି ଧରାଇଦେଲି । ଆଲେକ୍‌ଜାଣ୍ଡାର ଅତ୍ୟନ୍ତ ଉତ୍ୟକ୍ତ ହୋଇ କହିଲେ– ଜାଣିଛ ତ ମୁଁ ବିଶ୍ୱବିଜୟୀ ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡାର । ପୃଥିବୀର ସମସ୍ତ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ମୋର ପଦାନତ । ଏହା ସତ୍ତ୍ୱେ ମୋତେ ଭିକାରି ବୋଲି କହିବାର ଧୃଷ୍ଟତା ପାଇଁ ମୁଁ ତୁମର ଶିରଚ୍ଛେଦ କରିପାରେ । ଅବିଚଳିତ ଦାଓଜିନସ୍ ଅଳ୍ପ ହସି କହିଲେ–‘‘ମୋର କିଛି ନାହିଁ, ତେଣୁ ମୁଁ ଭିକାରି ହେବାକୁ ବାଧ୍ୟ । ତୁମର ଏତେସବୁ ଥିବା ସତ୍ତ୍ୱେ ଆହୁରି ପାଇବା ପାଇଁ ତୁମର ଏ ଯେଉଁ ଭୋକ, ତାହା କ'ଣ ପାଇଁ ? ତୁମେ ମୋ'ଠାରୁ ବଡ଼ ଭିକାରି ନୁହଁ କି ? ଶୁଣ ସମ୍ରାଟ ! ଯିଏ ଚାହୁଁଥିବ କୋଟିଏ କିନ୍ତୁ ପାଇଥିବ ଗୋଟିଏ, ସେ ଏ ସଂସାରର ସବୁଠାରୁ ବଡ଼ ଦରିଦ୍ର । ଯିଏ ଜୀବନରେ କିଛି ଚାହିଁ ନାହିଁ, କିଛି ପାଇ ବି ନାହିଁ, ସିଏ ଧନୀ ନ ହୋଇପାରେ, କିନ୍ତୁ ତୁମ ଭଳି ଦରିଦ୍ର ନୁହେଁ । ଆବଶ୍ୟକତା ଠାରୁ ଅଧିକ ଅର୍ଥ କ୍ଷମତା ଓ ପ୍ରତିପରିର ପିପାସା ହିଁ ପ୍ରକୃତ ଦାରିଦ୍ର୍ୟ । ଯାହାର ତୃଷ୍ଣା ବା ଅଭିଳାଷ ଯେତେ ଅଧିକ, ସେ ସେତେ ଅଧିକ ଦରିଦ୍ର । ଯାହାର ମନ ସନ୍ତୁଷ୍ଟ ଓ ତୃପ୍ତ, ତା' ପାଇଁ ଧନୀଦରିଦ୍ର କି ଫରକ ? ଏଥର କୁହ, ତୁମେ ଭିକାରି ନା ମୁଁ ଭିକାରି ? ଭିକାରି ସିଏ ନୁହେଁ ଯିଏ ଅନ୍ୟ ଆଗରେ ହାତ ପତେଇ ଭିକ ମାଗେ, ପ୍ରକୃତ ଭିକାରି ତ ସିଏ ଯାହା ପାଖରେ ସବୁ ଥାଇ ମଧ୍ୟ ସେ ଆହୁରି ଚାହୁଁଥାଏ ।

# ଧର୍ମ କ'ଣ ?

**ଗୋପୀନାଥ ଷଡ଼ଙ୍ଗୀ**

ନିଗମାନନ୍ଦ କହନ୍ତି- ଯାହାର ଅନୁଶୀଳନରେ ମନୁଷ୍ୟ ପଶୁତ୍ୱ ପରିବହାର ପୂର୍ବକ କ୍ରମେ ବ୍ରହ୍ମ ସାଯୁଜ୍ୟ ଲାଭ କରି ପାରେ ତାହାର ନାମ ଧର୍ମ ।

ସଦ୍‌ଗୁରୁ ଅର୍ଜୁନ କହନ୍ତି- ‘ଯାହା ଆମକୁ ସୁଖ, ଶାନ୍ତି ଦେଉଛି, ଆତ୍ମୋନ୍ନତି ଲାଗି ସାହାଯ୍ୟ କରୁଛି ତାହା ଧର୍ମ । ତାହା କ'ଣ ସତ୍ୟ ବା ଦୈବୀ ଗୁଣ । ଦୈବୀ ଗୁଣ ଦ୍ୱାରା ଧର୍ମ କାର୍ଯ୍ୟକାରୀ ହୁଏ । ପ୍ରକୃତିର ନିୟମକୁ ଜାଣିବା ଜ୍ଞାନ ଓ ତାହା ପାଳନ କରିବା ଧର୍ମ । ଏଠି ପ୍ରଶ୍ନ ଉଠେ ‘ମଣିଷର ଧର୍ମ କ'ଣ ? ସତ୍ୟ ରୂପୀ ଭଗବାନଙ୍କ ଆଶ୍ରୟ ନେବା ମଣିଷର ପ୍ରଥମ ଓ ପରମ ଧର୍ମ । ନିଜ ସ୍ୱାର୍ଥକୁ ବଳି ଦେଇ ଅନ୍ୟର ଉପକାର କରିବା ମଣିଷର ଦ୍ୱିତୀୟ ଧର୍ମ । ନିଜକୁ ନ୍ୟାର୍ଯ୍ୟ ଅନୁଯାୟୀ ବଞ୍ଚାଇ ଅନ୍ୟକୁ ବଞ୍ଚିବାର ସୁଯୋଗ ଦେବା ମନୁଷ୍ୟର ତୃତୀୟ ଧର୍ମ ଅଟେ ।

ଆଦ୍ୟ ଶରୀରଂ ଖଳୁ ଧର୍ମ ସାଧନମ୍ । ଶରୀର ରକ୍ଷା ପାଇଁ ଯାହା କରାଯାଏ ତାହା ଧର୍ମ । ସମାଜର ସୁଖ, ଶାନ୍ତି ପାଇଁ ଯାହା କରାଯାଏ ତାହା ଧର୍ମ । ସେହି ସାମାଜିକ ଧର୍ମ ଭିତରେ ବିଭିନ୍ନ ପର୍ବ ପର୍ବାଣୀ, ପୂଜା, ପାର୍ବଣ, ଦାନ, ଧର୍ମ ରହିଛି । ସ୍ୱରୂପ ପ୍ରାପ୍ତି ପାଇଁ ଯାହା କରାଯାଏ ତାହା ଧର୍ମ ।

ପ୍ରତ୍ୟେକ ମନୁଷ୍ୟ ପଞ୍ଚଯଜ୍ଞ କରିବା ଉଚିତ । ଭୁତ ଯଜ୍ଞ, ପିତୃଯଜ୍ଞ, ଦେବ ଯଜ୍ଞ, ଅତିଥି ଯଜ୍ଞ ଓ ବ୍ରହ୍ମଯଜ୍ଞ ।

ଆମର ଅଜାଣତରେ ହେଉ ବା ଜ୍ଞାତ ସାରରେ ହେଉ ଅନେକ କୀଟ, ପତଙ୍ଗ ଆମଦ୍ୱାରା ମୃତ୍ୟୁ ମୁଖରେ ପଡୁଛନ୍ତି । ସେହି ପାପରୁ ରକ୍ଷା ପାଇବା ପାଇଁ ଆମକୁ ପ୍ରତ୍ୟହ କିଛି ଖାଦ୍ୟ ପଦାର୍ଥ ପଶୁ, ପକ୍ଷୀ ମାନଙ୍କୁ ଦେବା ଉଚିତ । ଏହାକୁ ଭୁତ ଯଜ୍ଞ କୁହାଯାଏ ।

ଜୀବିତାବସ୍ଥାରେ ପିତା, ମାତାଙ୍କ ସେବା କରିବା ହେଉଛି ପିତୃ ଯଜ୍ଞ । ଦୈବୀ ଗୁଣ ସମ୍ପନ୍ନ ସାଧୁ, ସନ୍ଥ, ମାନଙ୍କ ଉପଦେଶ ଗ୍ରହଣ କରି ପାଳନ କରିବା, ସେମାନଙ୍କ ସେବା କରିବା ହେଉଛି ଦେବ ଯଜ୍ଞ । ବିନା ତିଥି, ବାର ନ ଜଣାଇ ଯେଉଁ ଅତିଥି ଗୃହରେ ପ୍ରବେଶ କରିବ ତାକୁ ଭୋଜନ ଦେବା, ସେବା କରିବା ହେଉଛି ଅତିଥି ଯଜ୍ଞ ।

ପ୍ରତିଦିନ କିଛି ପୁସ୍ତକ ପଠନ କରି ଜ୍ଞାନ ଲାଭ କରିବା ହେଉଛି ବ୍ରହ୍ମ ଯଜ୍ଞ ।

**ନବ ପ୍ରଶାସନିକ କଲୋନି,**
**ପ୍ରଧାନପଡ଼ା, ସମ୍ବଲପୁର**

ଶ୍ରୀକ୍ଷେତ୍ର
ବର୍ଷ ୨୭, ସଂଖ୍ୟା- ୨୨, ୨୮ ମଇ - ୩ ଜୁନ୍ ୨୦୨୩

# ମୋଦୀଙ୍କ ୯ ବର୍ଷର ଶାସନ

କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରକୁ ଆଜି ୯ ବର୍ଷ ପୂରିଛି । ୨୦୧୪ ମସିହା ମେ ୨୬ରେ ମୋଦି ପ୍ରଥମଥର ପାଇଁ ଦେଶର ପଞ୍ଚଦଶ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ । ୨୦୧୪ ସାଧାରଣ ନିର୍ବାଚନ ଖାସ୍ ଥିଲା କାରଣ ଦୀର୍ଘ ୩୦ ବର୍ଷ ପରେ ଦେଶରେ କୌଣସି ଗୋଟିଏ ଦଳକୁ ପୂର୍ଣ୍ଣ ବହୁମତ ମିଳିଥିଲା । ସେହି ନିର୍ବାଚନରେ ବିଜେପି ୨୮୨ଟି ଲୋକସଭା ଆସନରେ ବିଜୟୀ ହୋଇଥିଲା । ଏହା ପୂର୍ବରୁ ୧୯୮୪ ଲୋକସଭା ନିର୍ବାଚନରେ କଂଗ୍ରେସ ୪୧୪ ଆସନ ଜିତିଥିଲା । ଏହା ପରେ ୨୦୧୯ ଲୋକସଭା ନିର୍ବାଚନରେ ବିଜେପି ୩୦୩ ଆସନରେ ବିଜୟୀ ହୋଇଥିଲା । ଯାହାକି କୌଣସି ଏକ ଦଳ ଜିତିଥିବା ଦ୍ୱିତୀୟ ସର୍ବାଧିକ ଆସନ ।

୨୦୧୪ରେ ମୋଦୀ ଯେତେବେଳେ ପ୍ରଥମଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ହେଲେ ସେହି ସମୟରେ ୭ଟି ରାଜ୍ୟରେ ବିଜେପି ସରକାର ଥିଲା । ସେଥିମଧ୍ୟରେ ଗୁଜରାଟ, ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଗୋଆରେ ବିଜେପି ମୁଖ୍ୟମନ୍ତ୍ରୀ ଥିଲା ବେଳେ ପଞ୍ଜାବରେ ଏସ୍ଏଡି ଓ ଆନ୍ଧ୍ରପ୍ରଦେଶରେ ଟିଡିପି ସହିତ ମିଶି ବିଜେପି ସରକାର ଗଠନ କରିଥିଲା । କିନ୍ତୁ ୪ ବର୍ଷ ପରେ ଅର୍ଥାତ ୨୦୧୮ରେ ବିଜେପି ଶୀର୍ଷରେ ପହଞ୍ଚିଥିଲା । ସେହିବର୍ଷ ଦେଶର ୨୧ ରାଜ୍ୟରେ ବିଜେପି କିମ୍ବା ଏହାର ମେଣ୍ଟ ସରକାର ରହିଥିଲା । କିନ୍ତୁ ସେବେଠାରୁ ବିଜେପି ଖସିବା ଆରମ୍ଭ କରିଥିଲା । ବର୍ତ୍ତମାନ ୧୪ଟି ରାଜ୍ୟରେ ବିଜେପି କିମ୍ବା ତାର ସହଯୋଗୀ ଦଳର ସରକାର ରହିଛି । ଉତ୍ତର ପୂର୍ବାଞ୍ଚଳର ୮ ରାଜ୍ୟରେ ଅଛନ୍ତି ମୋଟ ୪୯୮ ବିଧାୟକ । ସେଥିମଧ୍ୟରୁ ୨୦୬ ବିଜେପିର । ସେହିଭଳି ଏଠାରେ ରହିଛି ମୋଟ ୨୫ ସାଂସଦ ଆସନ । ସେଥିରେ ଅଛନ୍ତି ବିଜେପିର ୧୫ ସାଂସଦ ଉତ୍ତର-ପୂର୍ବାଞ୍ଚଳର ୩ ରାଜ୍ୟ ଯଥା ଆସାମ, ତ୍ରିପୁରା ଓ ଅରୁଣାଚଳ ପ୍ରଦେଶରେ ବିଜେପି ମୁଖ୍ୟମନ୍ତ୍ରୀ ଅଛନ୍ତି । ଅନ୍ୟ ରାଜ୍ୟମାନଙ୍କରେ ବିଜେପିର ସହଯୋଗୀ ଦଳ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଛନ୍ତି ।

ପଶ୍ଚିମ ଭାରତ ବିଶେଷକରି ମହାରାଷ୍ଟ୍ର, ଗୁଜରାଟ ଓ ରାଜସ୍ଥାନର ସ୍ଥିତି ଦେଖିଲେ ଗୁଜରାଟରେ ପୂର୍ଣ୍ଣ ବହୁମତ ସହ ବିଜେପି ସରକାର ରହିଛି । ମହାରାଷ୍ଟ୍ରରେ ଏକନାଥ ସିନ୍ଦେଙ୍କ ଶିବସେନା ଗୋଷ୍ଠୀ ସହ ମେଣ୍ଟ କରି ବିଜେପି କ୍ଷମତାରେ ରହିଛି । କିନ୍ତୁ ରାଜସ୍ଥାନରେ କଂଗ୍ରେସ ସରକାର ଅଛି । ଏହି ୩ ରାଜ୍ୟରେ ୬୭୦ ବିଧାୟକ ଅଛନ୍ତି । ସେଥିମଧ୍ୟରୁ ବିଜେପିର ୩୩୧ ବିଧାୟକ ରହିଛନ୍ତି । ସେହିଭଳି ଏହି ୩ ରାଜ୍ୟରେ ମୋଟ ୯୯ ସାଂସଦ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ବିଜେପିର ସଂଖ୍ୟା ୭୩ । ପୂର୍ବ ଭାରତ କଥା ଦେଖିଲେ ଏଠାରେ ବିଜେପି କିମ୍ବା ଏହାର ମେଣ୍ଟ ସରକାର ନାହିଁ । ବିହାରରେ ମହାମେଣ୍ଟ, ପଶ୍ଚିମବଙ୍ଗରେ ଟିଏମ୍ସି, ଓଡ଼ିଶାରେ ବିଜେଡି ଏବଂ ଝାଡଖଣ୍ଡରେ ଜେଏମ୍ଏମ୍ ସରକାର ରହିଛି । ପୂର୍ବ ଭାରତରେ ମୋଟ ୭୨୨ ବିଧାୟକ ଥିବା ବେଳେ ସେଥିମଧ୍ୟରୁ ବିଜେପିର ୧୯୬ ଜଣ ଅଛନ୍ତି । ଅନ୍ୟପକ୍ଷରେ ଉତ୍ତର ଭାରତ ମଧ୍ୟରୁ ହରିଆଣା, ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡରେ ବିଜେପି ସରକାର ଅଛି । ଦିଲ୍ଲୀ ଓ ପଞ୍ଜାବରେ ଆପ୍ ଏବଂ ହିମାଚଳ ପ୍ରଦେଶରେ କଂଗ୍ରେସ ସରକାର ରହିଛି । ଉତ୍ତର ଭାରତରେ ମୋଟ ୮୧୮ ବିଧାୟକ ନିର୍ବାଚିତ ହୋଇଥାନ୍ତି । ସେଥିମଧ୍ୟରୁ ବିଜେପିର ୩୭୭ ଜଣ ଅଛନ୍ତି । ୧୮୯ ସାଂସଦଙ୍କ ମଧ୍ୟରୁ ବିଜେପିର ୯୮ ରହିଛନ୍ତି ।

ମଧ୍ୟଭାରତ କଥା ଦେଖିଲେ ମଧ୍ୟପ୍ରଦେଶରେ ବିଜେପି ଓ ଛତିଶଗଡରେ କଂଗ୍ରେସ ସରକାର ରହିଛି । ଏଠାରୁ ୪୨୦ ବିଧାୟକ ନିର୍ବାଚିତ ହୋଇଥାନ୍ତି । ସେମାନଙ୍କ ମଧ୍ୟରୁ ବିଜେପିର ୧୩୭ ଜଣ ଅଛନ୍ତି । ସେହିଭଳି ୪୦ ସାଂସଦଙ୍କ ମଧ୍ୟରୁ ବିଜେପି ୩୭ ଅଟନ୍ତି । ଅନ୍ୟପକ୍ଷରେ କର୍ଣ୍ଣାଟକରେ ପରାଜିତ ହେବା ପରେ ଦକ୍ଷିଣ ଭାରତରେ ବିଜେପି ସଫା ହୋଇଯାଇଛି । ସେଠାକାର ୫ ରାଜ୍ୟରୁ ବିଜେପି କୌଣସିରେ ଶାସନ କ୍ଷମତାରେ ନାହିଁ । ଏସବୁ ରାଜ୍ୟରେ ବିଧାୟକ ସଂଖ୍ୟା ରହିଛି ୯୨୩ । ସେଥିମଧ୍ୟରୁ ବିଜେପିର ସଂଖ୍ୟା ୧୩୫ । କର୍ଣ୍ଣାଟକ ପରାଜୟ ପରେ ବିଜେପିର ବିଧାୟକଙ୍କ ସଂଖ୍ୟା ୯୫କୁ ଖସି ଆସିଛି । ସେହିଭଳି ଏହି ୫ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ମୋଟ ଲୋକସଭା ସଦସ୍ୟ ସଂଖ୍ୟା ରହିଛି ୧୩୦ । ବିଜେପି ଇତି ମଧ୍ୟରେ ବହୁ ଉତ୍ଥାନ ପତନ ଦେଇ ଗତି କରିଥିଲେ ମଧ ଦେଶକୁ ସୁଶାସନ ଦେବାରେ ସମର୍ଥ ହୋଇଛି । ଭାରତକୁ ବିଶ୍ୱ ଗୁରୁ ରୂପେ ଗଢ଼ି ତୋଳିବା ପାଇଁ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପ ରହିଛି । ଏହାକୁ ଆଖି ଆଗରେ ରଖି ବିଜେପି ସମସ୍ତ କାମ କରୁଛି । ତେବେ ଦଳ ଏଥିରେ କେତେଦୂର ସଫଳ ହେବ ତାହା ଭବିଷ୍ୟତ ହିଁ କହିବ ।

## ଖାଦ୍ୟ ଲୋଭ ନିୟନ୍ତ୍ରଣ କରେ ଶାଗ

ଆବଶ୍ୟକତାଠାରୁ ଅଧିକ ଖାଇବାର ଲାଳସାକୁ ନିୟନ୍ତ୍ରଣ କରିବାକୁ ଚାହୁଁଥିଲେ ନିୟମିତ ଶାଗ ଖାଆନ୍ତୁ । ଏଥିରେ ଥିବା ଥାଇଲାକ୍ଏଡସ୍ ଅଧିକ ଖାଦ୍ୟ ଖାଇବା ଆଗ୍ରହକୁ ନିୟନ୍ତ୍ରଣରେ ରଖେ । ଫଳରେ ଶରୀରରେ କାଲୋରି ପରିମାଣ ଠିକ୍ ରହେ । ଆମେରିକାର ଲୁଇସିଆନାସ୍ଥିତ ପେନିଙ୍ଗଟନ୍ ବାୟୋମେଡିକାଲ୍ ରିସର୍ଚ୍ଚ ସେଣ୍ଟରର୍ ବିଶେଷଜ୍ଞମାନେ ଏ ବାବଦରେ ଗବେଷଣା କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ।



# କ୍ରୋଧ ପରିହାର କରିବା

## ମହାତ୍ମା ଗାନ୍ଧୀ

ଆପଣାର କ୍ରୋଧକୁ ସମ୍ବରଣ କରିବାର ସର୍ବୋଚ୍ଚ ଶିକ୍ଷାଟିକୁ ମୁଁ ତିକ୍ତ ଅଭିଜ୍ଞତା ମଧ୍ୟଦେଇ ହିଁ ଲାଭ କରିଛି । ଉତ୍ତାପର ରକ୍ଷା ହେଲେ ଯେପରି ତାହା ଶକ୍ତିରେ ରୂପାନ୍ତରିତ ହୋଇଯାଏ, ଠିକ ସେହିପରି ଆମ କ୍ରୋଧକୁ ନିୟନ୍ତ୍ରିତ କରିପାରିଲେ ତାହା ଏପରି ଏକ ଶକ୍ତିରେ ପରିଣତ ହୋଇ ପାରିବ ।

ଯେତେବେଳେ ମୋ ସମ୍ମାନର ବିଧାନଗୁଡ଼ିକରୁ ବିଚ୍ୟୁତ ହୋଇ ଯିବାର ପ୍ରଶ୍ନ ଆସି ଉପସ୍ଥିତ ହୁଏ, ସେତେବେଳେ ମୁଁ ବନ୍ଧୁ ବା ଶତ୍ରୁ କାହାକୁ ହେଲେ ଛାଡ଼େନାହିଁ ।

ମୁଁ ଯେ କେବେହେଲେ କ୍ରୋଧ କରେନାହିଁ, ସେକଥା ମୋଟେ ନୁହେଁ । ମୁଁ ସେହି କ୍ରୋଧକୁ ପ୍ରକାଶ କରେନାହିଁ । ମୁଁ ମୋ ଧୈର୍ଯ୍ୟକୁ କ୍ରୋଧହୀନତାର ଏକ ଗୁଣ ରୂପେ ଅଭ୍ୟାସ କରିଥାଏ । ସାଧାରଣ ଭାବରେ କହିବାକୁ ଗଲେ, ସେଥିରେ ମୁଁ ସଫଳ ମଧ ହୁଏ । ମାତ୍ର, କେବଳ କ୍ରୋଧ ଜନ୍ମିଲା ବେଳେ ହିଁ ମୁଁ ତାହାକୁ ନିୟନ୍ତ୍ରିତ କରି ରଖେ । ଏହାକୁ ମୁଁ କିପରି ନିୟନ୍ତ୍ରିତ କରି ରଖିପାରେ, ଏହି ପ୍ରଶ୍ନର କୌଣସି ଅର୍ଥ ନାହିଁ । କାରଣ, ଏହା ହେଉଛି ଗୋଟିଏ ଅଭ୍ୟାସ ଓ ପ୍ରତ୍ୟେକ ବ୍ୟକ୍ତିର ତାହା ଅବଶ୍ୟ ଅନୁଶୀଳନ କରିବା ଏବଂ ସତତ ଅଭ୍ୟାସ ଦ୍ୱାରା ସେହି ନିୟନ୍ତ୍ରଣକୁ ହାସଲ କରିବା ଉଚିତ ।

ଯଦି ମୋ' ଭିତରେ ଆପଣାକୁ ହସି ପାରିବାର କୌଣସି ଶକ୍ତି ନ ଥାନ୍ତା, ତେବେ ମୁଁ ଅନେକ ଦିନରୁ ଆତ୍ମହତ୍ୟା କରି ସାରିଥାନ୍ତି ।

ମୁଁ ହେଉଛି ଜଣେ ଅଦମନୀୟ ଆଶାବାଦୀ, କାରଣ ମୁଁ ଆପଣାକୁ ବିଶ୍ୱାସ କରେ । ଏହି କଥାଟି ଭାରି ଅହଙ୍କାରପୂର୍ଣ୍ଣ ପରି କାନକୁ ଶୁଭୁଥିବ, ନୁହେଁ ? ମାତ୍ର, ମୋ' ବିନମ୍ରତାର ଗଭୀର ତଳରୁ ହିଁ ମୁଁ ଏହି କଥାଟିକୁ କହୁଛି । ମୁଁ ଈଶ୍ୱରଙ୍କର ସର୍ବୋଚ୍ଚ ଶକ୍ତିଟି ଉପରେ ବିଶ୍ୱାସ ରଖିଛି । ମୁଁ ସତ୍ୟରେ ମଧ ବିଶ୍ୱାସ ରଖିଛି, ତେଣୁ ଏହି ଦେଶର ଭବିଷ୍ୟତ ତଥା ମନୁଷ୍ୟ ଜାତିର ଭବିଷ୍ୟତ ବିଷୟରେ ମଧ ମୋ'ର କୌଣସି ସଂଶୟ ନାହିଁ ।

ମୁଁ ଜଣେ ଆଶାବାଦୀ, କାରଣ ମୁଁ ନିଜଠାରୁ ଅନେକ କଥା ଆଶା କରୁଛି । ମୁଁ ଏପର୍ଯ୍ୟନ୍ତ ସେଗୁଡ଼ିକୁ ଲାଭ କରିନାହିଁ । କାରଣ, ମୁଁ ଏପର୍ଯ୍ୟନ୍ତ ପରିପୂର୍ଣ୍ଣତା ହାସଲ କରିନାହିଁ । ଯଦି ଜଣେ ପରିପୂର୍ଣ୍ଣ ବ୍ୟକ୍ତି ହୋଇଥାନ୍ତି, ତେବେ ତୁମ ସହିତ ତର୍କ କରି ତୁମକୁ ବୁଝାଇବାର ମଧ କୌଣସି ପ୍ରୟୋଜନ ଆଦୌ ହୁଅନ୍ତା ନାହିଁ । ଯେତେବେଳେ ମୁଁ ପୂର୍ଣ୍ଣ ସମର୍ଥ ହୁଅନ୍ତି, ସେତେବେଳେ କେବଳ ପଦେ କଥା ହିଁ କହିଦିଅନ୍ତି ଏବଂ ଜାତି ମୋ' କଥାକୁ ନିଶ୍ଚୟ ଶୁଣନ୍ତା । ସେବା ଦ୍ୱାରା ହିଁ ମୁଁ ସେହି ପୂର୍ବ ସାମର୍ଥ୍ୟ ଅର୍ଜନ କରିବାକୁ ଇଚ୍ଛା କରୁଛି ।

ଯଦି ମୋ' ନିଜର କୌଣସି ଦର୍ଶନ ରହିଛି ବୋଲି କୁହାଯାଏ, ତେବେ, ବାହାରର କୌଣସି ଶକ୍ତି ବା ବ୍ୟକ୍ତି ଜଣେ ମନୁଷ୍ୟର ଜୀବନରେ ରହିଥିବା ଲକ୍ଷ୍ୟର କୌଣସି କ୍ଷତି କରିବାର ସମ୍ଭାବନାଟି ଲାଗି ସେହି ଦର୍ଶନ ଭିତରେ କୌଣସି ସ୍ଥାନ ନାହିଁ । ଏକ ଅନୁରୂପ ଅବସ୍ଥାରୁ ହିଁ କ୍ଷତି ସମ୍ଭବ ହୋଇଥାଏ । କେବଳ, ଯେତେବେଳେ ଲକ୍ଷ୍ୟଟି ଖରାପ ହୋଇଥାଏ ଅଥବା, ତାହା ଭଲ ହୋଇଥିଲେ ମଧ, ତାହାର ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତିମାନେ ମନ୍ଦ ହୋଇଥାନ୍ତି, ଦୁର୍ବଳ ହୃଦୟ ଅଥବା ଅସ୍ୱଚ୍ଛ ହୋଇଥାନ୍ତି, କ୍ଷତି ସେତିକିବେଳେ ହିଁ ହୁଏ । ମୁଁ ବାଟଟିକୁ ଜାଣିଛି । ଏହା ହେଉଛି ଏକ ସିଧା ଅଣଓସାରିଆ ବାଟ, ଖଣ୍ଡାର ଧାର ପରି । ଏହା ଉପରେ ଚାଲିବାରେ ମୋ'ର ଭାରି ଆନନ୍ଦ । ବାଟରୁ ଗୋଡ ଖସିଗଲେ ମୁଁ କାନ୍ଦିବାକୁ ଆରମ୍ଭକରେ । ସେତେବେଳେ ଭଗବାନ କହନ୍ତି ଯିଏ ଉଦ୍ୟମ କରୁଥାଏ, ସିଏ ଲୁପ୍ତ ହୋଇଯାଏ ନାହିଁ । ସେହି ପ୍ରତିଶ୍ରୁତିଟି ଉପରେ ମୋ'ର ବିଶ୍ୱାସ ରହିଛି । ତେଣୁ, ନିଜର ଦୁର୍ବଳତା ହେତୁ ହଜାର ଥର ବିଫଳ ହେଉଥିଲେ ମଧ ମୁଁ ତଥାପି ବିଶ୍ୱାସ ହରାଇବି ନାହିଁ, ମାତ୍ର ଅବଶ୍ୟ ଆଶା କରୁଥିବି ଯେ, ଏହି ଶରୀର ପ୍ରତି ରହିଥିବା ଯାବତୀୟ ମୋହ ଯେତେବେଳେ ସମ୍ପୂର୍ଣ୍ଣ ଭାବରେ ନିଜ ଅକ୍ତିଆର ଭିତରକୁ ଆସିଯିବ, ଦିନେନା ଦିନେ ତ ତାହା ଅବଶ୍ୟ ଆସିବ–ସେତେବେଳେ ମୁଁ ସେହି ଆଲୋକର ଦର୍ଶନ ଅବଶ୍ୟ ପାଇବି ।

ଗୋଟିଏ ମାତ୍ର ଭୁଲ ଅଥବା ଗୋଟିଏ ମାତ୍ର ଦୁର୍ଦ୍ଦଶା ସମ୍ମୁଖରେ ମଧ କେବଳ ଏକ ଅସହାୟ ସାକ୍ଷୀପରି ଛିଡା ହୋଇ ରହିଥିବା ପର୍ଯ୍ୟନ୍ତ ମୋ'ର ଆତ୍ମା ସନ୍ତୁଷ୍ଟ ହୋଇ ରହିବାକୁ କେବେହେଲେ ରାଜି ହେବନାହିଁ । କାରଣ, ମୁଁ ଜଣେ ଦୁର୍ବଳ, କ୍ଷୀଣଶକ୍ତି ଏବଂ ଦୁର୍ଦ୍ଦଶାଗ୍ରସ୍ତ ବ୍ୟକ୍ତି ହୋଇଥିବାରୁ ଯାବତୀୟ ଭୁଲକୁ ସଂଶୋଧନ କରିପାରିବାକୁ ଅଥବା ମୁଁ ଦେଖୁଥିବା ଯାବତୀୟ ଭୁଲ ଭିତରୁ ନିଜକୁ ମୁକ୍ତ କରି ରଖିବା ମୋ'ଲାଗି କଦାପି ସମ୍ଭବ ହେବନାହିଁ ।

ମୋ' ଭିତରର ଆତ୍ମା ମୋତେ ଗୋଟାଏ ଆଡ଼େ ଟାଣେ, ମୋ' ଭିତରର ଶରୀରବାସନା ଆଉ ଗୋଟାଏ ଆଡ଼କୁ ଟାଣିବାରେ ଲାଗିଥାଏ । ଏହି ଦୁଇଟିଯାକ ଶକ୍ତିର କ୍ରିୟାରୁ ମୁକ୍ତ ହୋଇ ରହିବାର ସମ୍ଭାବନା ଅବଶ୍ୟ ରହିଛି । ମାତ୍ର ଅତ୍ୟନ୍ତ ମନ୍ଥର ଏବଂ ଯନ୍ତ୍ରଣାଦାୟକ ଭାବରେ ଏକାଧିକ ସ୍ତରକୁ ଅତିକ୍ରମ କରିଯିବା ପରେ ଯାଇ ସେହି ମୁକ୍ତି ସମ୍ଭବ ହୋଇପାରିବ ।

ଅତ୍ୟନ୍ତ ଯାନ୍ତ୍ରିକ ଭାବରେ କାର୍ଯ୍ୟଟିଏ କରିବାକୁ ନାସ୍ତି କରିଦେଲେ ହିଁ ମୁଁ କଦାପି ମୁକ୍ତି ଲାଭ କରିପାରିବି ନାହିଁ, କେବଳ ଆସକ୍ତି ନରଖି ବୁଦ୍ଧିମତ୍ତାର ସହିତ କର୍ମ କରିବା ଦ୍ୱାରା ତାହା ସମ୍ଭବ ହେବ । ଅର୍ଥାତ, ଏହି ସଂଗ୍ରାମରେ ଦେହବାସନାକୁ ଅପଶମିତ ଭାବରେ କୃଶ ଉପରେ ଆରୋହଣ କରିବାକୁ ପଡୁଥିବ, ଯେପରିକି ଆତ୍ମା କ୍ରମଶଃ ସମ୍ପୂର୍ଣ୍ଣଭାବରେ ମୁକ୍ତ ହୋଇ ପାରିବ ।

ମୁଁ ସତ୍ୟ ପଥରେ କେବଳ ସନ୍ଧାନ ହିଁ କରୁଛି । ଏଥିପାଇଁ ମୁଁ ଏକ ବାଟ ମଧ ପାଇଛି ବୋଲି ଦାବି କରିପାରିବି । ସତ୍ୟକୁ ପାଇବା ନିମନ୍ତେ ଅବିଶ୍ରାନ୍ତ ଭାବରେ ଏକ ଉଦ୍ୟମ କରୁଛି ବୋଲି ମଧ ଦାବି କରିପାରିବି । ମାତ୍ର ସ୍ୱୀକାର କରିବି ଯେ, ଏପର୍ଯ୍ୟନ୍ତ ମୁଁ ତାହାକୁ ପାଇନାହିଁ । ସତ୍ୟକୁ ସମ୍ପୂର୍ଣ୍ଣଭାବରେ ଲାଭ କରିବାର ଅର୍ଥ ହେଉଛି ଆପଣାକୁ ଉପଲବ୍ଧି କରିବା, ଆପଣା ନିୟତିଟିକୁ ଉପଲବ୍ଧି କରିବା, ଅର୍ଥାତ ପରିପୂର୍ଣ୍ଣତା ହାସଲ କରିବା । ମୋ' ନିଜର ଅପୂର୍ଣ୍ଣତାଗୁଡ଼ିକ ବିଷୟରେ ମୁଁ ଅତ୍ୟନ୍ତ ଦୁଃଖର ସହିତ ସଚେତନ ହୋଇ ରହିଛି, ଏବଂ ମୋ' ଭିତରେ ଥିବା ସବୁଯାକ ବଳ ମଧ ସେଥିରେ ନିହିତ ହୋଇ ରହିଛି । କାରଣ, ଆପଣାର ନିଜ ଅସାମର୍ଥ୍ୟତାଗୁଡ଼ିକୁ ଜାଣିବା ହେଉଛି ଜଣେ ମନୁଷ୍ୟର ଏକ ବିରଳ ଗୁଣ ।

ଯଦି ମୁଁ ଜଣେ ପୂର୍ଣ୍ଣ ସମର୍ଥ ମନୁଷ୍ୟ ହୋଇଥାନ୍ତି, ତେବେ ବର୍ତ୍ତମାନପରି ମୁଁ ମୋ' ପ୍ରତିବେଶୀମାନଙ୍କର ଏତେ ଏତେ ଦୁଃଖକୁ କଦାପି ଅନୁଭବ କରୁନଥାନ୍ତି । ଜଣେ ପୂର୍ଣ୍ଣ ସମର୍ଥ ବ୍ୟକ୍ତି ହିସାବରେ ମୁଁ କେବଳ ସେଗୁଡ଼ିକ ବିଷୟରେ ଅବହିତ ହୁଅନ୍ତି, ଗୋଟିଏ ପ୍ରତିକାର ବତାଇ ଦିଅନ୍ତି ଓ ମୋ' ଭିତରେ ରହିଥିବା ଅପ୍ରତିବାଦ୍ୟ ମହାନ୍ ଶକ୍ତି ବଳରେ ତାହାକୁ ଗୃହୀତ କରାଇ ନିଅନ୍ତି । ମାତ୍ର, ମୁଁ ତ ଏପର୍ଯ୍ୟନ୍ତ ସତଟିକୁ ଏକ କାଚ ମାଧ୍ୟମରେ ଦେଖୁଥିଲା ପରି କେବଳ ପରୋକ୍ଷଭାବରେ ହିଁ ଦେଖିପାରୁଛି । ତେଣୁ ଏକ ଅତ୍ୟନ୍ତ ମନ୍ଥର ତଥା ଆୟାସସାଧ ପ୍ରକ୍ରିୟା ଦ୍ୱାରା ଅନ୍ୟମାନଙ୍କର ପ୍ରତ୍ୟୟ ଅର୍ଜନ କରିପାରୁଛି । ସେଥିରେ ମଧ ସର୍ବଦା କଦାପି ସଫଳତା ମିଳୁନାହିଁ ।

ପରିସ୍ଥିତି ଏହିଭଳି ହୋଇଥିବାରୁ, ବ୍ରହ୍ମାଣ୍ଡର ପରମ କର୍ତ୍ତାଙ୍କ ପ୍ରତ୍ୟକ୍ଷ ଛାୟାତଳେ ଏହି ଦେଶରେ ଯେଉଁ ପରିହାର୍ଯ୍ୟ ଦୁଃଖ ଚାରିଆଡ଼େ ବିଦ୍ୟମାନ ରହିଛି ଏବଂ ମନୁଷ୍ୟମାନେ ଯେପରି କଙ୍କାଳସାର ହୋଇ ବୁଲୁଛନ୍ତି, ସେଗୁଡ଼ିକ ବିଷୟରେ ସବୁ ଜାଣୁଥିଲେ ଓ ଦେଖୁଥିଲେ ମଧ, ଯଦି ମୁଁ ଭାରତବର୍ଷର ମୂକ କୋଟି କୋଟି ମନୁଷ୍ୟଙ୍କର ସକଳ ଦୁଃଖଭୋଗକୁ ନିଜର ଦୁଃଖପରି ଅନୁଭବ ନକରୁଥାନ୍ତି ଏବଂ ସେଥିରେ ସହାନୁଭୂତି ପ୍ରକାଶ ନ କରୁଥାନ୍ତି, ତେବେ ମୋତେ କାହିଁକି ଜଣେ ମନୁଷ୍ୟ ବୋଲି କୁହାଯାନ୍ତା ।

# ଔଷଧୀୟ ଗୁଣରେ ଭରପୂର ମେଥି

ଆୟୁର୍ବେଦରେ ମେଥିର ଭୂମିକା ଅନନ୍ୟ । ଅନେକ ରୋଗରୁ ମୁକ୍ତି ଦେଇଥାଏ ଏହି ମେଥି । ଏହାର ବ୍ୟବହାର କେବଳ ସ୍ୱାଦ ବଢ଼ାଇବାରେ କରାଯାଏ ତାହା ନୁହେଁ ବରଂ ସୌନ୍ଦର୍ଯ୍ୟ ଏବଂ ସ୍ୱାସ୍ଥ୍ୟରେ ସୁଧାର ଆଣିବା ପାଇଁ ମଧ ବ୍ୟବହାର କରାଯାଏ ।



ପ୍ରତିଦିନର ଖାଦ୍ୟରେ ଯଦି କିଛି ମେଥିର ବ୍ୟବହାର କରାଯାଏ ତେବେ ଏହା ଅମ୍ଳରୁ ରକ୍ଷା କରିବା ସହ ଛାତି ପୋଡ଼ାଜଳାରୁ ବି ଆରାମ ଦେଇଥାଏ ।

ମଧୁମେହ ଠାରୁ ଦୂରେଇ ରହିବା ପାଇଁ ଚାହୁଁଥିଲେ ପ୍ରତିଦିନ ଏକଚାମଚ ମେଥି ପାଉଡରକୁ ପାଣି ସହ ଖାଆନ୍ତୁ ।

ମେଥିରୁ ପ୍ରସ୍ତୁତ ଫେସପ୍ୟାକ୍ ବ୍ରଣ, ଚର୍ମକୁ ବ୍ଲାକ ହେଡସ୍ ଆଦିରୁ ରକ୍ଷା କରିଥାଏ । ଅଳ୍ପ ପାଣିରେ ମେଥି ପକାଇ ଫୁଟାଇବା ପରେ ସେହି ପାଣିରେ ମୁହଁ ଧୁଅନ୍ତୁ । ଆହୁରି ମଧ ମେଥି ପତ୍ରକୁ ବାଟି ତାକୁ ଲଗାଇ ପାରିବେ । ଏହାକୁ ଲଗାଇବା ପରେ ପ୍ରାୟ ୨୦ ମିନିଟ୍ ଛାଡି ମୁହଁକୁ ଧୋଇ ଦିଅନ୍ତୁ । ଏପରି କିଛିଦିନ କରିବା ଦ୍ୱାରା ମୁହଁରେ ଚମକ ବଢ଼ିବାକୁ ଲାଗିଥାଏ । ଯଦି ଆପଣଙ୍କ କେଶ ନିୟମିତ ଝଡୁଛି, ତେବେ ନଡିଆ ତେଲରେ କିଛି ମେଥି ପକାଇ ଉଷୁମ କରନ୍ତୁ । ଏହି ତେଲକୁ ରାତି ସାରା ରଖି ପରଦିନ ସକାଳେ ଲଗାନ୍ତୁ । ଏପରି ନିୟମିତ କଲେ କେଶ ଝଡ଼ିବା କମି ଯାଇଥାଏ । ଏକଚାମଚ ଲେମ୍ବୁ ରସରେ ମହୁ ଏବଂ ମେଥି ମିଶାଇ ଖାଇବା ଦ୍ୱାରା ଅଣ୍ଡା, ଜ୍ୱରରୁ ରକ୍ଷା ମିଳିଥାଏ ।

# ସର୍ବେଦ

**ସଦ୍‌ଗୁରୁ ଊମୁଖୀ ମନମୁଖୀ, ଜୀଓ୍ୱ ପରେ ଭଓ୍ୱଧାର ।**
**ଲଖ ଚୌରାସୀ ଭରମିୟା, ଲାଗ ନ ଯୁକ୍ତି ଊଚାର ॥୨୧॥**

ଭାଷ୍ୟ - ସଦ୍‌ଗୁରୁଙ୍କ ବିରୁଦ୍ଧାଚରଣକାରୀ ଜୀବ ପତିତ ହୋଇ ଭବସାଗରରେ ଭାସିଯାଇ ଚୌରାଶୀ ଲକ୍ଷ ଯୋନିରେ ଭ୍ରମଣ କରିଥାଏ । ସେମାନଙ୍କର ନିବୃତ୍ତି ନିମନ୍ତେ କୌଣସି ଉପାୟ କିମ୍ବା ବିଚାର ନାହିଁ ।

**ସଦ୍‌ଗୁରୁ କୀ ନିନ୍ଦା କରେ, ଶ୍ରଓ୍ୱଣ ସୁନେ ଅପଓ୍ୱାଦ ।**
**ନିନ୍ଦକ ଭଓ୍ୱ ଯୋନୀ ରହେଁ, ଜବତକ କାଲ ଊଓ୍ୱାଦ ॥୨୨॥**

ଭାଷ୍ୟ - ସଦ୍‌ଗୁରୁଙ୍କର ନିନ୍ଦୁକ ଏବଂ ତାଙ୍କର ନିନ୍ଦାର ଶ୍ରୋତା - ଏ ଦୁହେଁ ସେତେବେଳ ପର୍ଯ୍ୟନ୍ତ ମନୁଷ୍ୟେତର ନିର୍କୃଷ୍ଟ ଯୋନି ପ୍ରାପ୍ତ ହୋଇଥାନ୍ତି, ଯେତେବେଳ ପର୍ଯ୍ୟନ୍ତ କାଳଚକ୍ରର ସୃଷ୍ଟିପ୍ରବାହ ଚାଲିଥାଏ ।

**ଉତ୍ତର ପର ଉତ୍ତର କରେ, ଗୁରୁ ଆଜ୍ଞା କର ଭଙ୍ଗ ।**
**ଗୁରୁ ସେ କର ଅଭିମାନ ଓ୍ୱେ, ଭାଓ୍ୱ କାଲ କା ରଙ୍ଗ ॥୨୩॥**

ଭାଷ୍ୟ - ଉତ୍ତର ପ୍ରତ୍ୟୁତ୍ତର କରୁଥିବା ଏବଂ ଅବଜ୍ଞା କରୁଥିବା ଅଭିମାନୀ ଶିଷ୍ୟ କାଳସ୍ୱରୂପ ଅଟନ୍ତି । ତାହାର ଅଧୋପତନ ଘଟେ ଏବଂ ଜୀବନ ଦୁଃଖମୟ ହୋଇଯାଏ । ମନ ଓ ଆତ୍ମାକୁ କଦାପି ଶାନ୍ତି ପ୍ରାପ୍ତ ହୁଏନାହିଁ । ସଦ୍‌ଗୁରୁଙ୍କର ଆଜ୍ଞା, ନିୟମ ଏବଂ ଧର୍ମର ମର୍ଯ୍ୟାଦାରେ ରହି ଜୀବନ ସୁଧାର କରି ନିଜର ବିକାଶର ପ୍ରୟତ୍ନ କରିବା ଉଚିତ ।

**ଅଚଲ ହିମାଳୟ ସମ ରହେ, ଊଗ୍ନ ଆୟ ଅରୁ ଜାୟ ।**
**ଉଦ୍‌ଓ୍ୱିଗ୍ନ ନହିଁ ଦୃଢ଼ ରହେ, ଧୀର ସ୍ୱଭାଓ୍ୱ କହାୟ ॥୨୪॥**

ଭାଷ୍ୟ - ସଂକଟ ଅଥବା ବିପତ୍ତିରେ ହିମାଳୟ ସଦୃଶ ସ୍ଥିର ହୋଇ ଦୃଢ଼ ରହନ୍ତୁ । ଯେତେ ବିଘ୍ନ ଆସୁ ପଛକେ ଉଦ୍‌ବିଗ୍ନ ହୁଅନ୍ତୁ ନାହିଁ । ଧୈର୍ଯ୍ୟବାନ ପୁରୁଷଙ୍କର ସ୍ୱଭାବ ଏଭଳି ବୋଲି ଏହି ଦୋହାରେ




କୁହାଯାଇଛି ।

**ଆପତ୍ତି ମେଁ ଧୀରଜ ଧରେ, ଯହ ଅମୂଲ୍ୟ ଗୁଣ ଜାନ ।**
**ଶୀଲ ଶାନ୍ତି ସେ କାମ ଲେ, ଯହ ଗୁରୁ ନୀତି ମହାନ୍ ॥୨୫॥**

ଭାଷ୍ୟ - ବିପତ୍ତି ବେଳେ ଧୈର୍ଯ୍ୟଶୀଳ ଗୁଣକୁ ଧାରଣ କରିବା ଉତ୍ତମ ଅଟେ । ଧୀରସ୍ଥିର ଏବଂ ଶାନ୍ତିରେ ରହି, ନିଜ ମର୍ଯ୍ୟାଦାର ରକ୍ଷାକରି ଲକ୍ଷ୍ୟକୁ ପ୍ରାପ୍ତ କରିବା ଉଚିତ । ଏହା ସଦ୍‌ଗୁରୁଙ୍କର କଲ୍ୟାଣପ୍ରଦ, ଉତ୍ତମ ଉପଦେଶ ଅଟେ ।

**ଆସନ ତୀନ ପ୍ରକାର କା, ତନ ମନ ଆତମ ଜାନ ।**
**ଓ୍ୱେତ୍ତା ତୀନୋଁ ଭେଦ କା, ସୋ ରହସ୍ୟ ଗମ ଜ୍ଞାନ ॥୨୬॥**

ଭାଷ୍ୟ - ଶରୀର, ମନ ଓ ଆତ୍ମା - ଏ ତିନୋଟିର ତିନି ପ୍ରକାର ଆସନ ହୋଇଥାଏ । ଏହି ତିନୋଟିର ରହସ୍ୟ ଭେଦ ଗମନର ଜ୍ଞାତା ପୂର୍ଣ୍ଣ ବେତ୍ତା ହୋଇଥାନ୍ତି । ଏ ତିନିଙ୍କର ରହସ୍ୟ ଭେଦ ଗମନ ଭିନ୍ନ ଭିନ୍ନ ହୋଇଥାନ୍ତି ।

**ଅଷ୍ଟ ଚକ୍ର ଇସ ଦେହ ମେଁ, ଜାସେ ତନ ସଂଚାଲ ।**
**ଚକ୍ର ବୋଧ ଯୋଗୀ କରେଁ, ଜାନେ ଅନ୍ତର ହାଲ ॥୨୭॥**

ଭାଷ୍ୟ - ଏହି ଶରୀର ଭିତରେ ଅଷ୍ଟ ଚକ୍ର ରହିଛନ୍ତି, ଯାହାଙ୍କ ଦ୍ୱାରା ଏ ଶରୀରର ସଂଚାଳନ ହୋଇଥାଏ । ଏହି ଚକ୍ରଗୁଡ଼ିକର ଜ୍ଞାନ ଯୋଗୀମାନଙ୍କୁ ହୋଇଥାଏ ଆଉ ସେମାନେ ଏହି ଅନ୍ତର ସ୍ଥିତି ବିଷୟରେ ଜାଣିଥାନ୍ତି ।

**ଆଜ୍ଞା ସ୍ୱାଧିଷ୍ଠାନ ହେଁ, ମଣିପୂରକ କୋ ଜାନ ।**
**ମୂଳାଧାର ଊଶୁଦ୍ଧ ହେଁ, ଚକର ଅନାହତ ମାନ ॥୨୮॥**

ଭାଷ୍ୟ - ମୂଳାଧାର, ସ୍ୱାଧିଷ୍ଠାନ, ମଣିପୂରକ, ଅନାହତ, ବିଶୁଦ୍ଧ ଆଉ ଆଜ୍ଞା - ଏସବୁ ଅଷ୍ଟ ଚକ୍ର ଅଟନ୍ତି । ଚକ୍ରମାନଙ୍କ ବିଷୟରେ ପରବର୍ତ୍ତୀ ଦୋହାରେ ବର୍ଣ୍ଣନା କରାଯାଇଛି । ଏସବୁକୁ ମିଶେଇ ଆଠଟି ଚକ୍ର ଅଛନ୍ତି, ଯାହାର ଜ୍ଞାନ ଯୋଗୀମାନଙ୍କୁ ହୋଇଥାଏ ।

**ଚକ୍ର ବ୍ରହ୍ମ ରନ୍ଧ୍ରାଖ୍ୟ ହେଁ, ସହସରାର ତତ୍ତ୍ୱ ଜ୍ଞାନ ।**
**ଗୂଢ଼ ତତ୍ତ୍ୱ ଗମ ଯୋଗ ହେଁ, ଚକ୍ର ଭେଦ ଊଜ୍ଞାନ ॥୨୯॥**

ଭାଷ୍ୟ - ଉପରୋକ୍ତ ଦୋହାରେ ଛଅଗୋଟି ଚକ୍ର ସମ୍ପର୍କରେ ଉଲ୍ଲେଖ କରାଯାଇଛି ଏବଂ ଏହି ଦୋହାରେ ବ୍ରହ୍ମରନ୍ଧ୍ରାଖ୍ୟ ଆଉ ସହସ୍ରାର ବର୍ଣ୍ଣନା କରାଯାଇଛି । ଏହି ଚକ୍ରଗୁଡ଼ିକର ଗୂଢ଼ଭେଦ ଜ୍ଞାନ ଯୋଗ ଦ୍ୱାରା ପ୍ରତ୍ୟକ୍ଷ କରାଯାଇଛି ।

**ଦେଓ୍ୱ ଊାସ ନହିଁ ଚକ୍ର ପର, ମୋହ କଳ୍ପନା ଜାନ ।**
**ସାଚା ସୃଷ୍ଟି ଊରାଟ ହେଁ, ତୀନ ଲୋକ ମୟ ଜ୍ଞାନ ॥୩୦॥**

ଭାଷ୍ୟ - ଚକ୍ରମାନଙ୍କରେ ଦେବତାମାନେ ବାସ କରନ୍ତି ବୋଲି ମାନ୍ୟତା ଦେବା ଅଜ୍ଞାନଯୁକ୍ତ କଳ୍ପନା ଅଟେ । ତ୍ରିଲୋକ ସୃଷ୍ଟିର ଏକ ବିଶାଳ ଆକୃତି ଅଟେ, ଯାହାଠାରୁ ସମସ୍ତ ଜଗତର ସୃଷ୍ଟି । ବ୍ରହ୍ମ, ଜୀବ, ପ୍ରକୃତି-ମିଶ୍ରିତ ଏହି ବିଶାଳ ସୃଷ୍ଟିର ମୂଳାରମ୍ଭ ତେଜୋମୟ ଅଣ୍ଡାକୃତିକୁ ବିଶାଳ କହନ୍ତି । ଏକଦେଶୀୟ ଦେବ ସମସ୍ତ ଶରୀରର ଚକ୍ରଗୁଡ଼ିକରେ ବାସ କରନ୍ତି, ଏହିପରି କଳ୍ପନା କରିବା ସମ୍ପୂର୍ଣ୍ଣ ଭ୍ରାନ୍ତିଯୁକ୍ତ ଅଟେ ।

**ଦେଓ୍ୱ ଦ୍ୟୋତକ ହେଁ ଅର୍ଥ କା, ଦେଓ୍ୱ କରଣ ପରମାନ ।**
**ଅକ୍ଷର ଚିଦ ଅରୁ ସକଲ ଜଡ଼, ଚୌଦହ ଦେଓ୍ୱ ପ୍ରମାନ ॥୩୧॥**

ଭାଷ୍ୟ - ଦେବର ଅର୍ଥ ପ୍ରକାଶ-ଦ୍ୟୋତକ ହୋଇଥାଏ । ଯିଏ ପ୍ରକାଶ କରିଥାନ୍ତି, ତାଙ୍କୁ ଦେବ କହନ୍ତି । ଦେବ ଇନ୍ଦ୍ରିୟମାନଙ୍କୁ କହିଥାନ୍ତି । ଯାହା ପ୍ରଦାନ କରିଥାଏ ସେ ଦେବ ଅଟେ । ବ୍ରହ୍ମ ଚେତନ ଦେବ ଅଟନ୍ତି, ଯିଏ ସମସ୍ତ ଜଗତର ପ୍ରକାଶକ ଏବଂ ସର୍ବ କର୍ମଫଳ ପ୍ରଦାତା ଅଟନ୍ତି । ଦଶ ଇନ୍ଦ୍ରିୟ ଓ ଚାରି ଅନ୍ତଃକରଣ - ଏହି ଚତୁର୍ଦ୍ଦଶ ଦେବ ଜଡ଼ ଅଟନ୍ତି ।

**ଈଶ୍ୱର ଗୁରୁ ଭୟ ମାନତେ, ଅଭୟ ହୋୟ ସଂସାର ।**
**ସୋ ନର ଗୁରୁ କା ଲାଲ ହେଁ, ସକଲ ଲକ୍ଷ୍ୟ କର ପାର ॥୩୨॥**

ଭାଷ୍ୟ - ଈଶ୍ୱର ଏବଂ ଗୁରୁଙ୍କୁ ଭୟ କରୁଥିବା ବ୍ୟକ୍ତି ସଂସାରେ ନିର୍ଭୟ ହୋଇ କାଳାତିପାତ କରିଥାନ୍ତି । ସେ ଗୁରୁଙ୍କର ପ୍ରିୟଭାଜନ ହୋଇ ଜୀବନର ସମସ୍ତ ଲକ୍ଷ୍ୟକୁ ପ୍ରାପ୍ତ କରିଥାନ୍ତି ।

**ମାନଓ୍ୱ ଶକ୍ତିକ ବାହରେ, ଜଗତ କାମ କୋଇ ନାହିଁ ।**
**ବାହର ହେଁ ସୋ ପୁରୁଷ କା, ସର୍ଓ୍ୱ ଶକ୍ତି ଜେହି ମାହିଁ ॥୩୩॥**

ଭାଷ୍ୟ - ମନୁଷ୍ୟର ଶକ୍ତିର ବାହାରେ ଜଗତର କୌଣସି କାର୍ଯ୍ୟ ନାହିଁ, ଯାହାକୁ ସେ କରିପାରେ ନାହିଁ । ଜୀବଦ୍ ଶକ୍ତିର ବାହାରେ କାର୍ଯ୍ୟ ଜଗତର ନିୟନ୍ତାଙ୍କର ଅଟେ, ଯାହା ଭିତରେ ସମସ୍ତ ଶକ୍ତିସ୍ଥିତ ଅଛନ୍ତି ଏବଂ ଯିଏ ଅନନ୍ତ କ୍ରିୟାର ବଳ ଏବଂ ଶକ୍ତିରେ ସର୍ବଦା ପରିପୂର୍ଣ୍ଣ ଅଟନ୍ତି ।

**ସବ ସାଧନ ନର ଦେହ ହେଁ, ଜ୍ଞାନ ମୋକ୍ଷ କର ଦ୍ୱାର ।**
**ଦେଓ୍ୱ ସଦାଫଲ ସଫଲ କର, ଜୀଓ୍ୱନ ଜନ୍ମ ସମ୍ଭାର ॥୩୪॥**

ଭାଷ୍ୟ - ସମସ୍ତ ଲକ୍ଷ୍ୟ ପ୍ରାପ୍ତିର ସାଧନ ତଥା ଜ୍ଞାନ ଆଉ ମୋକ୍ଷ ପ୍ରାପ୍ତିର ମାର୍ଗ ମନୁଷ୍ୟ ଶରୀର ଅଟେ । ସେଥିପାଇଁ ଏହି ଜୀବନକୁ ସମ୍ଭାଳି ଯୋଗବଳର ପୁରୁଷାର୍ଥ ଦ୍ୱାରା ପ୍ରଭୁପ୍ରାପ୍ତି କରି ସଫଳ କରନ୍ତୁ ।

**॥ ଇତି ସ୍ୱର୍ବେଦ ତୃତୀୟ ମଣ୍ଡଳ, ଦ୍ୱିତୀୟ ଅଧ୍ୟାୟ ଭାଷ୍ୟ ସମାପ୍ତ ॥**

# କ୍ୟାନସର ଚିକିତ୍ସା ପାଇଁ ଚାପତି

ସମଗ୍ର ବିଶ୍ୱରେ ଅନ୍ୟତମ ପ୍ରମୁଖ ରୋଗ ଭାବରେ କ୍ୟାନସର ଉଭା ହୋଇଛି । ଅବଶ୍ୟ ପ୍ରାରମ୍ଭିକ ସ୍ତରରେ ଏହାକୁ ଜାଣିପାରିଲେ ଏବଂ ଠିକ୍ ଚିକିତ୍ସା କରାଇ ପାରିଲେ କେତେକ କ୍ୟାନସରକୁ ଉପଶମ ମିଳିପାରୁଛି । ତଥାପି ଏହି ରୋଗର ନୂଆ ଚିକିତ୍ସା ପ୍ରଣାଳୀ ବାହାର କରିବାକୁ କ୍ୟାନସର ବିଜ୍ଞାନୀମାନେ ଚେଷ୍ଟା ଚାଲୁ ରଖିଛନ୍ତି । ନିକଟରେ ଏ କ୍ଷେତ୍ରରେ ଆଉ ପାଦେ ଆଗେଇବାରେ ସକ୍ଷମ ହୋଇଛନ୍ତି ବ୍ରିଟେନର କ୍ୟାନସର ବିଶେଷଜ୍ଞମାନେ । ଚା' ପତିକୁ ନେଇ ସେମାନେ ଏଭଳି ଏକ ଔଷଧ ପ୍ରସ୍ତୁତ କରିଛନ୍ତି ଯାହା କ୍ୟାନସରକୁ କେତେକାଂଶରେ ଉପଶମ ଦେବାରେ ସହାୟକ ହୋଇପାରିବ । ବ୍ରିଟେନସ୍ଥିତ ସାନସୀ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏ ନେଇ ସଫଳ ହୋଇଛନ୍ତି । 'ଚା' ପତିରେ ଥିବା ନାନୋପାର୍ଟିକିଲ କ୍ୟାନସର ଜୀବାଣୁଙ୍କୁ ପ୍ରତିହତ କରିବାରେ ଅନେକାଂଶରେ ସହାୟକ ହୋଇଥାଏ । କେବଳ ସେତିକି ନୁହେଁ କ୍ୟାନସର ଆକ୍ରାନ୍ତ କୋଷ (ସେଲ) ବୃଦ୍ଧିକୁ ଏହି ତତ୍ତ୍ୱ ରୋକିବାର କ୍ଷମତା ରଖିଥାଏ ବୋଲି କହିଛନ୍ତି ଉକ୍ତ ଗବେଷଣାର ମୁଖ୍ୟ ଡା.ସୁଧାଗନ ପେଚେଇମୁଥୁ । ହେଲେ ଏ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ସେମାନେ ଗବେଷଣା ଚାଲୁ ରଖିବା ସହ ଏଥିରେ ନିଶ୍ଚୟ ସଫଳ ହେବେ ବୋଲି ମତବ୍ୟକ୍ତ କରିଛନ୍ତି ଏହି ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ।



## ଟିକିଏ ହସନ୍ତୁ

ଟିଟି ପପୁକୁ ପ୍ଲାଟଫର୍ମରେ ଧରିପକାଇଲେ ।
ଟିଟି : ଟିକେଟ୍ ଦେଖା ।
ପପୁ : ଆରେ ମୁଁ ଟ୍ରେନ୍‌ରେ ଆସିନି ।
ଟିଟି : ପ୍ରମାଣ କ'ଣ ଅଛି ?
ପପୁ : ପ୍ରମାଣ ଏଇଟା ଯେ ମୋ ପାଖରେ ଟିକେଟ୍ ନାହିଁ ।

× × × × ×

ପୋଷ୍ଟମ୍ୟାନ୍ ଘଣ୍ଟି ବଜାଇଲା । ଘର ଭିତରୁ ଜଣେ ପୁଅ ମୁହଁରେ ସିଗାରେଟ୍ ଏବଂ ହାତରେ ବିଅର ବୋତଲ ଧରି ବାହାରକୁ ଆସିଲା ।
ପୋଷ୍ଟମ୍ୟାନ : ପୁଅ ବାପା ଘରେ ଅଛନ୍ତି ?
ପୁଅ : ମତେ ଦେଖି ଆପଣଙ୍କୁ କ'ଣ ଲାଗୁଛି ବାପା ଘରେ ଥିବେ ?

× × × × ×

ଶିକ୍ଷକ : ତୁ କେବେ କାହା ପାଇଁ ଭଲ କାମ କରିଛୁ ?
ଚିଣ୍ଟୁ : ହଁ ସାର୍ କରିଛି ।
ଶିକ୍ଷକ : କ'ଣ କରିଛୁ ?
ଚିଣ୍ଟୁ : ଥରେ ଜଣେ ବୁଢ଼ା ଲୋକ ଧୀରେ ଧୀରେ ଚାଲି ଘରକୁ ଯାଉଥିଲେ । ମୁଁ ତାଙ୍କ ପଛରେ କୁକୁର ଲଗାଇଦେଲି । ସେ ଜଲ୍‌ଦି ଘରେ ପହଞ୍ଚିଗଲେ ।

× × × ×



ସ୍ତ୍ରୀ : ମୋ ସହିତ ଯାଉଛ । କିନ୍ତୁ ସେଠି ଝଗଡ଼ା କରିବନି । ସେଇଟା ମୋର ବାପାଙ୍କ ଘର ।
ସ୍ୱାମୀ : ତା'ହେଲେ ମୋ ବାପଘର କ'ଣ କୁରୁକ୍ଷେତ୍ର ଯେ ସବୁବେଳେ ମହାଭାରତ କରୁଛ ?

× × × × ×

ଗୋଲୁ ମୁନାକୁ : ମୋର ୪୫ ଭାଇ ଭଉଣୀ ।
ମୁନା : ସତ ନା କ'ଣ ? ତମ ଘରକୁ ଜନସଂଖ୍ୟା ନିୟନ୍ତ୍ରଣ ଅଧିକାରୀମାନେ ଆସି ନ ଥିଲେ ?
ଗୋଲୁ - ହଁ, ଆସିଥିଲେ । ହେଲେ ସେତେବେଳେ ଆମେ ସବୁ ବସି ପଢୁଥିଲୁ । ସେମାନେ ଆମକୁ ଦେଖି କୋଚିଂ କ୍ଲାସ୍ ଚାଲିଛି ଭାବି ଚାଲିଗଲେ ।

× × × × ×

ଶିକ୍ଷକ ପପୁକୁ : ଆକବର୍ କିଏ ?
ପପୁ : ମୁଁ ଜାଣିନି ସାର୍ ।
ଶିକ୍ଷକ : ପାଠପଢ଼ାରେ ଧ୍ୟାନ ଦେଲେ ସିନା ହେବ ।
ପପୁ : ସାର୍ ଆପଣ କହିଲେ ଦେଖି ବଣ୍ଟି, ସୌରଭ କିଏ ?
ସାର୍ : ମୁଁ କେମିତି ଜାଣିବି ?
ପପୁ : ଖାଲି ପଢ଼େଇଲେ କ'ଣ ହେବ ? ଝିଅ ଉପରେ ଧ୍ୟାନ ରଖିଲେ ସିନା ଜାଣିପାରିବେ ?

× × × × ×

ଶିକ୍ଷକ : ବର୍ଷରେ କେତୋଟି ରାତ୍ରି ଥାଏ ?
ସାନୁ : ଦଶଟି ।
ଶିକ୍ଷକ : କ'ଣ ବର୍ଷକରେ ମାତ୍ର ୧୦ଟି ରାତ୍ରି ?
ସାନୁ : ହଁ, ସାର୍ ।
ଶିକ୍ଷକ : କେମିତି ?
ସାନୁ : ନବ ରାତ୍ରିର ନଅ ରାତି ଓ ଶିବ ରାତ୍ରିର ଗୋଟିଏ ରାତି ।

# କାଲସିଅମ୍ ଅଭାବରୁ ସ୍ୱାସ୍ଥ୍ୟ ସମସ୍ୟା

ଉପଯୁକ୍ତ କାଲସିଅମ୍ ଅଭାବରୁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଉପୁଜେ । ସର୍ବାଧିକ କ୍ଷତିଗ୍ରସ୍ତ ହୁଏ ଅସ୍ଥି ଓ ଦାନ୍ତ । କାରଣ ଅନେଶତ ପ୍ରତିଶତ କାଲସିଅମ୍ କେବଳ ଅସ୍ଥି ଓ ଦାନ୍ତର ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ । ବାକି ଅଂଶ ମାଂସପେଶୀ ଓ ଟିସୁକୁ ମଜଭୁତ କରେ । କାଲସିଅମର ଅଭାବ ଖଞ୍ଜା ବା ଗଣ୍ଠି ଓ ମେରୁଦଣ୍ଡକୁ ଅଧିକ ଦୁର୍ବଳ କରିଦିଏ । ଆଣ୍ଠୁ, ଅଣ୍ଟା ଯନ୍ତ୍ରଣା ବଢ଼ାଏ । ଦୀର୍ଘଦିନର ଅସ୍ଥି ସମସ୍ୟା ଅସ୍ଥିଭଙ୍ଗୁରିଆ, ହାଡ଼ ଭାଙ୍ଗିବା ରୋଗ ସୃଷ୍ଟି କରାଏ । ଅବହେଳା ନ କରି ଏଥିପ୍ରତି ଯତ୍ନବାନ ହେଲେ ରୋଗ ବଢ଼େ ନାହିଁ । ହୃତପିଣ୍ଡ ସ୍ୱାସ୍ଥ୍ୟ ପାଇଁ ମଧ୍ୟ କାଲସିଅମର ଭୂମିକା ଗୁରୁତ୍ୱପୂର୍ଣ୍ଣ । କାଲସିଅମ୍ ଅଭାବରୁ ଛାତି ଧଡ଼ ଧଡ଼ ହୁଏ, ଅସହଜ ଲାଗେ, ହୃତପିଣ୍ଡକୁ ରକ୍ତ ସଂଚାଳନରେ ସମସ୍ୟା ହୁଏ । ହୃଦରୋଗର ଏହା ଏକ କାରଣ । ସେହିପରି ବୌଦ୍ଧିକ କାର୍ଯ୍ୟରେ




ନିୟୋଜିତ ବ୍ୟକ୍ତିଙ୍କ ପାଇଁ କାଲସିଅମର ଉପକାରିତା ଅଧିକ । ଏହାର ଅଭାବ ବିଷାଦ, ଅବସାଦ, ଅସ୍ଥିରତା ବଢ଼ାଏ । ସ୍ନାୟୁ ବିକାରର ଏହା ଏକ ମୁଖ୍ୟ କାରଣ । ପେଶୀ ଯନ୍ତ୍ରଣା, ନଖ, ଫାଟିବା, ନଖରେ ଧଳା ଦାଗ ପଡିବାର କାରଣ ମଧ୍ୟ କାଲସିଅମର ଅଭାବ । କାଲସିଅମ୍ ମାତ୍ରା ଠିକ୍ ନ ଥିଲେ, ଚର୍ମର ଔଜ୍ଜ୍ୱଲ୍ୟ କମିଯାଏ । ଧୀରେ ଧୀରେ ଟାଣ ଓ ଶୁଷ୍କ ହୁଏ ।

ଯାଦୁ ଭଳି ଚର୍ମରୋଗର ଆଶଙ୍କା ବଢ଼େ । ଚର୍ମର ସମ୍ବେଦନଶୀଳତା କମିଯାଏ । କେତେକ କ୍ଷେତ୍ରରେ ମହିଳାଙ୍କ ଋତୁସ୍ରାବ ପ୍ରଭାବିତ ହୁଏ । ବିଳମ୍ବ କିମ୍ବା ଆଗୁଆ ଋତୁସ୍ରାବର ଏହା ଏକ କାରଣ ହୋଇପାରେ । ଟଫୁ, ଲହୁଣିମୁକ୍ତ କ୍ଷୀର, ଜମ୍ ଚର୍ବିଯୁକ୍ତ ଦହି, ପାଳଙ୍ଗ, ଭେଣ୍ଡି, କଖାରୁ, ବିନ୍‌ସ, ଆଦି କାଲସିଅମ୍ ସମୃଦ୍ଧ ଖାଦ୍ୟ । ଏହା ବ୍ୟତୀତ, ତେଲିଆ ମାଛ, ଆଲମଣ୍ଡ, କ୍ଷୀର ମଧ୍ୟ ଶରୀରରେ କାଲସିଅମ୍ ପରିମାଣ ବଢ଼ାଏ ।

# ଲାଭକାରୀ ରସୁଣ

ରସୁଣରେ ପ୍ରଚୁର ପରିମାଣରେ ଆଣ୍ଟିବ୍ୟାକ୍ଟେରିଆ, ଆଣ୍ଟିଭାଇରାଲ, ଆଣ୍ଟି ଅକ୍ସିଡାଣ୍ଟ ଓ ଆଣ୍ଟି ଫଙ୍ଗାଲ ତତ୍ତ୍ୱ ରହିଥିବାରୁ ଏହା ବିଭିନ୍ନ ରୋଗର ଉପଶମ କରିଥାଏ । ପ୍ରତିଦିନ ୬୦୦ ମିଲିଗ୍ରାମ ରସୁଣ ଖାଇଲେ କୋଲେଷ୍ଟ୍ରୋଲ ସ୍ତର ଠିକ୍ ରହିଥାଏ । ଚର୍ମରୋଗ ସୁରକ୍ଷା କରିଥାଏ । ଏଥିରେ ବ୍ୟାକ୍ଟେରିଆ ଗୁଣ ଥିବାରୁ ଦାନ୍ତ ବିନ୍ଧା ଦୂର କରେ । ରକ୍ତରେ ଶର୍କରା ସ୍ତରକୁ ବଢ଼ାଇ ଇନସୁଲିନ୍ ସ୍ତରକୁ ଠିକ୍ ରଖେ ।



# ଦହିର ଉପକାରିତା

ଦହି ସ୍ୱାସ୍ଥ୍ୟପାଇଁ ଅଧିକ ଫଳପ୍ରଦ । ପେଟଜନିତ ସମସ୍ୟା ପାଇଁ ଦହି ଅଧିକ ଫଳପ୍ରଦ । ଖିରରୁ ପ୍ରସ୍ତୁତ ଦହିରେ ପୁଣି ପ୍ରସ୍ତୁତ ହୁଏ ଲସି ଏବଂ ଛାଚ୍ ମଧ ସ୍ୱାସ୍ଥ୍ୟ ପାଇଁ ଉପକାରୀ । ଦହି ହଜମ କରିବାରେ ସାହାଯ୍ୟ କରିଥାଏ ।

**ଅନିଦ୍ରା:** ରାତିରେ ଯଦି ଠିକ୍ ଭାବେନିଦ ହେଉନାହିଁ ତେବେ ଖାଇ ସାରିବା ପରେ ଟିକେ ଦହି ଖାଇପାରନ୍ତି । ଦେଖିବେ ସମସ୍ୟା ଧିରେ ଧିରେ ଦୂରହେବ ।

**ପାଚନ ଶକ୍ତି ବଢ଼ାଇଥାଏ:** ଦହିର ନିୟମିତ ସେବନ ଶରୀର ପାଇଁ ଅମୃତ ସମାନ ହୋଇଥାଏ । କ୍ଷୀର ଯେତେବେଳେ ଦହିର ରୂପ ନେଇଥାଏ ସେତେବେଳେ ସୁଗାର ଏସିଡ଼ ବଦଳି ଯାଇଥାଏ । ଏହା ପାଚନ କରିବାରେ ସାହାଯ୍ୟ କରିଥାଏ । ଯେଉଁମାନଙ୍କୁ ଭୋକ କମ୍ ଲାଗେ ସେମାନଙ୍କୁ ଏହା ବହୁତ ସାହାଯ୍ୟ କରିଥାଏ ।

**ପେଟ ଗରମରୁ ମୁକ୍ତି:** ଦହିର ଛାଚ୍ ଏବଂ ଲସି ପ୍ରସ୍ତୁତ କରି ପିଇଲେ ପେଟ ଜନିତ ସମସ୍ୟା ଦୂର ହୋଇଥାଏ ।



ଦହିରେ ମଧ ଇସବଗୋଲ (ଭୂଷି) ପକାଇ ପିଅନ୍ତୁ । ଭାତ ସହ ଦହି ମିଶାଇ ଖାଇଲେ ପେଟ ସମସ୍ୟା ମଧ ଦୂର ହେବ । ପେଟର ଅନ୍ୟାନ୍ୟ ସମସ୍ୟା ପାଇଁ ଦହିରେ ଲୁଣ ମିଶାଇ ସିଧା ପିଅନ୍ତୁ, ଏହା ଫଳପ୍ରଦ ହେବ ନିଶ୍ଚୟ ।

**ପେଟ ରୋଗ:** ଆମେରିକାର ଖାଦ୍ୟ ବିଶେଷଜ୍ଞଙ୍କ ମତରେ ନିୟମିତ ଭାବେ ଦହିକୁ ପିଇଲେ ସମସ୍ତ ପେଟ ରୋଗ ଭଲ ହୋଇଥାଏ ।

**ହୃଦରୋଗ:** ଦହି ଉଚ୍ଚରକ୍ତ ଚାପକୁ କମାଇବା ସହ କୋଲେଷ୍ଟ୍ରୋଲର ମାତ୍ରାକୁ ବଢ଼ାଇବାକୁ ଦେଇ ନ ଥାଏ । ଯଦ୍ୱାରା ହୃତପିଣ୍ଡ ସୁସ୍ଥ ରହିଥାଏ ।

**ହାଡ଼କୁ ମଜଭୁତ କରିଥାଏ:** ଦହିରେ ଅଧିକ ମାତ୍ରାରେ କ୍ୟାଲସିୟମ ଥାଏ । ଏହା ହାଡ଼କୁ ମଜଭୁତ କରିବାରେ ସାହାଯ୍ୟ କରିଥାଏ । ଦାନ୍ତ ଏବଂ ନଖକୁ ମଧ ମଜଭୁତ କରିଥାଏ । ମାଂସପେଶୀ ମଧ ଠିକ୍ ଭାବରେ କାର୍ଯ୍ୟ କରିଥାଏ ।

**ଗଣ୍ଠିଜନିତ କଷ୍ଟ:** ଗଣ୍ଠିଜନିତ ସମସ୍ତ ସମସ୍ୟା ଦୂର କରିବାରେ ଦହି ଅଧିକ ଫଳପ୍ରଦ ହୋଇଥାଏ ।

**ଓଜନ:** ପତଳା ବ୍ୟକ୍ତିଙ୍କୁ ଦହିରେ କିସମିସ୍, ବାଦାମ ମିଶାଇ ଖାଇବାକୁ ଦେଲେ ସେମାନଙ୍କ ଓଜନ ବଢ଼ିବାକୁ ଲାଗେ । ଦହି ସେବନ ଦ୍ୱାରା ଶରୀରରେ ଥିବା ଅଧିକ ବର୍ଜ୍ୟଚର୍ବି ଦୂର ଶରୀରରେ ଲଗାଇଲେ ତ୍ୱଚା ଉଜ୍ଜ୍ୱଳ ଦେଖାଯାଏ ।

**ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ:** ଦହି ଖାଇଲେ ରୋଗ ପ୍ରତିରୋଧକ କ୍ଷମତା ବଢ଼ିଥାଏ । ଅସ୍ଥମା ଏବଂ ଆଲର୍ଜି ରୋଗ ପାଇଁ ଏହା ଅଧିକ ଫଳପ୍ରଦ ହୋଇଥାଏ । ଦାନ୍ତ ସହ ଜଡ଼ିତ ସମସ୍ତ ସମସ୍ୟା ମଧ ଦହି ଦ୍ୱାରା ଭଲ ହୋଇଥାଏ ।

**ଝାଳ ବୋହିବା:** ଗରମ ଦିନେ ଝାଳ ବୋହିବା ଏକ ସ୍ୱଭାବିକ କଥା । ଦହିରେ ବେସନ ମିଶାଇ ଦେହରେ ଲଗାଇ କିଛି ସମୟ ପରେ ଧୋଇ ଦେଲେ ଅଧିକ ଝାଳ ବୋହି ନ ଥାଏ ।

**ପିଲାଙ୍କ ଦାନ୍ତ:** ଶିଶୁଙ୍କର ଦାନ୍ତ ଉଠିବା ଏକ ପ୍ରାକୃତିକ ପ୍ରକ୍ରିୟା । ଦାନ୍ତ ଉଠିବା ବୟସ ହୋଇଗଲେ ଦହି ସହ ମହୁ ମିଶାଇ ଲଗାଇ ଦିଅନ୍ତୁ । ଦେଖିବେ ଦାନ୍ତ ଶୀଘ୍ର ଉଠିବ ।

**କେଶର ସୌନ୍ଦର୍ଯ୍ୟ:** କେଶର ସୌନ୍ଦର୍ଯ୍ୟ ପାଇଁ ଦହି କିମ୍ବା ଛାଚରେ କେଶ ଧୋଇ ଦିଅନ୍ତୁ । ଏଥିରୁ ଅନେକ ସୁଫଳ ମିଳିଥାଏ । ଦହିକୁ ମୁଣ୍ଡରେ ଲଗାଇ ୧୫ ମିନିଟ୍ ପରେ କେଶ ଧୋଇଦେଲେ କେଶ ନରମ ରହେ ।

## ଆପଣ ଜାଣନ୍ତି କି ?

- ନ୍ୟାୟ ଦର୍ଶନ ଗୌତମ ପ୍ରତିଷ୍ଠା କରିଥିଲେ ।
- ମହର୍ଷି କଣାଦ ବୈଶେଷିକ ଦର୍ଶନ, ମହର୍ଷି କପିଳ ସାଂଖ୍ୟ ଦର୍ଶନର ପ୍ରତିଷ୍ଠା କରିଥିଲେ ।
- ଏକ ସର୍ଭେ ଅନୁଯାୟୀ ବିଶ୍ୱରେ ସମୁଦାୟ ୬,୫୦୦ ଭାଷା ବ୍ୟବହାର କରାଯାଉଛି ।
- ଉଦ୍ଭିଦଗୁଡିକ ଝାଉଁଳି ପଡିବାର ମୁଖ୍ୟ କାରଣ ହେଉଛି ପ୍ରସ୍ୱେଦନ ।
- ୧୯୮୮ ମସିହାରେ ସିଓଲରେ ଅଲିମ୍ପିକ ଖେଳରେ ପ୍ରଥମ ଥର ପାଇଁ ଟେବଲ୍ ଟେନିସ୍ ଖେଳାଯାଇଥିଲା ।
- ବୁକର୍ ପୁରସ୍କାର ବିଶ୍ୱର ସବୁଠାରୁ ବଡ଼ ସାହିତ୍ୟ ପୁରସ୍କାର । ୧୯୬୯ ମସିହାରେ ଏହି ପୁରସ୍କାର ପ୍ରଚଳନ ହୋଇଥିଲା ।
- ସାରା ଭାରତରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସବୁଠାରୁ ବେଶି ଶାଖା ପ୍ରତିଷ୍ଠା କରାଯାଇଛି ।
- ଭାରତର ଅନ୍ୟ ରାଜ୍ୟଗୁଡିକ ଠାରୁ ସହରୀ ଲୋକଙ୍କ ସଂଖ୍ୟା ମହାରାଷ୍ଟ୍ରରେ ଅଧିକ ।
- ବହୁ ଚର୍ଚ୍ଚିତ ଉପନ୍ୟାସ 'ଗଡ୍ ଅଫ୍ ସ୍ମଲ୍ ଥିଙ୍ଗସ୍' ଲେଖିକା ଅରୁନ୍ଧତି ରାୟ ।
- ହିମାଳୟର ସୃଷ୍ଟି ୪୫ ମିଲିୟନ୍ ବର୍ଷ ପୂର୍ବରୁ ବୋଲି ବୈଜ୍ଞାନିକ ଗବେଷଣାରୁ ଜଣା ପଡିଛି ।
- ସଂସଦର ତଳସଦନ ଲୋକସଭାର ସଦସ୍ୟମାନେ ସିଧାସଳଖ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ।

## ବହୁ ଉପକାରୀ ଡାଳିମ୍ବ ଚୋପା

ଡାଳିମ୍ବ ଚୋପାର କେତେକ ଉପକାରୀ ଗୁଣ ରହିଛି ।

ତଣ୍ଟି ଦରଜ ହୋଇଛି କି ? ପ୍ରଥମେ ଡାଳିମ୍ବ ଚୋପାକୁ ଶୁଖାଇ ତାହାକୁ ବୁରି ଗୁଣ୍ଡ କରନ୍ତୁ । ଏହି ଚୂର୍ଣ୍ଣରୁ ଅଳ୍ପ ପାଣିରେ ମିଶାଇ ଭଲ ଭାବରେ ଫୁଟାଇ ଦିଅନ୍ତୁ ।

ଏହା ଥଣ୍ଡା ହୋଇଗଲେ ତାହାକୁ ଗାର୍ଗିଲିଂ



କରନ୍ତୁ । ଦେଖିବେ ତଣ୍ଟି ଦରଜରୁ ଉପଶମ ମିଳିବ ।

ପ୍ରତିଦିନ ଡାଳିମ୍ବ ଚୋପା ଚୂର୍ଣ୍ଣକୁ ପାଣିରେ ମିଶାଇ ପିଇଲେ ହୃଦଜନିତ ରୋଗ ଆଶଙ୍କା କେତେକାଂଶରେ ଦୂର ହୋଇଥାଏ । ଏଥିରେ ପ୍ରଚୁର ମାତ୍ରାରେ ଆଣ୍ଟିଅକସିଡାଣ୍ଟ ରହିଛି, ଯାହା ଶରୀରରେ କୋଲେଷ୍ଟ୍ରଲ ମାତ୍ରାକୁ ସନ୍ତୁଳିତ ରଖେ । ଡାଳିମ୍ବ ଚୋପା ଚୂର୍ଣ୍ଣକୁ ପାଣିରେ ମିଶାଇ ଦିନକୁ ଦୁଇ ଥର କୁଳି କଲେ ମୁଖ ଦୁର୍ଗନ୍ଧ ଦୂର ହୋଇଥାଏ । ଗ୍ଲାସେ ଉଷୁମ ପାଣିରେ ଦୁଇ ଚାମଚ ଡାଳିମ୍ବ ଚୋପା ଚୂର୍ଣ୍ଣ ଗୋଳାଇ ପିଅନ୍ତୁ । ଏହାଦ୍ୱାରା ହାଡ଼ ମଜଭୁତ ରହିଥାଏ ।

## ବୃକ୍କର ସ୍ୱାସ୍ଥ୍ୟ ପାଇଁ ବାର୍ଲି-ପାଣି

ବାର୍ଲି ଏକ ନିରାପଦ ଖାଦ୍ୟ ଶସ୍ୟ । ବୃକ୍କର ସ୍ୱାସ୍ଥ୍ୟ ପାଇଁ ବାର୍ଲି ପାଣି ସବୁଠାରୁ ଭଲ । ଏହା ସହଜରେ ଘରେ ପ୍ରସ୍ତୁତ କରାଯାଇ ପାରେ । ଏକ କିଲୋଗ୍ରାମ୍ ବାର୍ଲି ନରମ ହେବା ପର୍ଯ୍ୟନ୍ତ ଚୁଲିରେ ବସାଇ ଫୁଟାନ୍ତୁ । ଥଣ୍ଡା ହେବା ପରେ ଭଲ ଭାବେ ମନ୍ଥି ଖଦଡ଼ ଅଂଶ ଛାଣି ବାହାର କରି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ବାର୍ଲି ପାଣି । ଲେମ୍ବୁ ବା କମଳା ରସ ଏବଂ ସାମାନ୍ୟ ଚିନି ସହ ମିଶାଇ ପିଅନ୍ତୁ । ନିୟମିତ ପିଇଲେ ବୃକ୍କ ସୁସ୍ଥ ରହିବ । ସମସ୍ତ ପ୍ରକାରର ଆଣ୍ଠୁଗଣ୍ଠି ବ୍ୟଥା ଦୂରହେବ । ବାର୍ଲି କାଲୋରି ବହୁଳ ନୁହେଁ । କୋଲେଷ୍ଟେରୋଲ ବଢ଼ାଏ ନାହିଁ । ତନ୍ତୁବହୁଳ ହୋଇଥିବାରୁ ଶରୀରର ପାକ ବ୍ୟବସ୍ଥାକୁ ମଧ ରୋଗମୁକ୍ତ ରଖେ ।



## ସୁନିଦ୍ରା ପାଇଁ ସାଲାଡ଼

ସାଲାଡରେ ଲେକ୍ଟୁଟେରିୟମ' ନାମକ ତତ୍ତ୍ୱ ରହିଛି, ଯାହା ଶରୀରକୁ ଆହୁରି ଫୁର୍ତ୍ତି ରଖିବାରେ ସହାୟତା କରିଥାଏ । ଏହାଦ୍ୱାରା ମନ ହାଲୁକା ହେବା ସହ ଭଲ ନିଦ ହୋଇଥାଏ । ଏପରି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ସେମାନଙ୍କର ରାତ୍ରିଭୋଜନରେ ସାଲାଡ ସାମିଲ କରିବାକୁ ପରାମର୍ଶ ଦେଇଥିଲେ ।



ଏହାସହ ରାତ୍ରିଭୋଜନରେ ସେମାନେ ହାଲୁକା ଖାଦ୍ୟ ମଧ ଖାଇଥିଲେ । ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ନିଦ୍ରାଜନିତ ସମସ୍ୟା କେତେକାଂଶରେ ଦୂର ହୋଇଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ଗୁଜୁରାତି

ଗୁଜୁରାତି ଏକ ସୁଗନ୍ଧିତ ମସଲା । ଗୁଜୁରାତି ମିଠା ଜାତୀୟ ଖାଦ୍ୟର ସ୍ୱାଦ ବଢ଼ାଇଥିବା ବେଳେ ବଡ଼ ଅଳେଇଚ ଲୁଣିଆ ଖାଦ୍ୟର ସ୍ୱାଦକୁ ଦ୍ୱିଗୁଣିତ କରିଥାଏ । ଗୁଜୁରାତି ମଞ୍ଜି କର୍ପୂର ପରି ସୁଗନ୍ଧିତ । ବଡ଼ ଅଳେଇଚ ଗୁଜୁରାତି ଠାରୁ କମ୍ ସ୍ୱାଦିଷ୍ଟ ହୋଇଥାଏ । ଭାରତରେ ଗୁଜୁରାତି ଅଧିକ ଉତ୍ପାଦନ ହୋଇଥାଏ । ଗୁଜୁରାତି ଦକ୍ଷିଣ ଭାରତର ପଶ୍ଚିମ ଘାଟରେ ଅଧିକ ଉତ୍ପାଦନ ହୋଇଥାଏ । କେରଳ, କର୍ଣ୍ଣାଟକ ଓ ତାମିଲନାଡୁରେ ମଧ ଅଧିକ ଗୁଜୁରାତି ଚାଷ କରଯାଇଥାଏ । ଗୁଜୁରାତିରେ ବହୁ ଔଷଧୀୟ ଗୁଣ ରହିଥିବାରୁ ଏହାକୁ ମସଲା ରାଣୀ ମଧ କୁହାଯାଇଥାଏ । ଗୁଜୁରାତିକୁ ନିୟମିତ ଖାଇବା ଦ୍ୱାରା ଗ୍ୟାଷ୍ଟ୍ରିକ୍, ଅଲସର୍ ଓ ପାଚନ ସମ୍ବନ୍ଧୀୟ ରୋଗ ହୋଇନଥାଏ । ବଡ଼ ଅଲେଇଚରେ ଆଣ୍ଟି ଅକ୍ସିଡାଣ୍ଟ ଭରପୁର ହୋଇ ରହିଛି । ଏଥିରେ ଦୁଇ ପ୍ରକାର ଆଣ୍ଟି ଅକ୍ସିଡାଣ୍ଟ ରହିଥିବାରୁ ସ୍ତନ କର୍କଟକୁ ଏହା ରୋକିଥାଏ । ବଡ଼ ଅଳେଇଚ ଖାଇବା ଦ୍ୱାରା କେଶ କଳା ହେବା ସହ



ଘନ ଓ ମଜଭୁତ ହୋଇଥାଏ । ଗୁଜୁରାତି ତେଲ ବ୍ୟବହାର କରିବା ଦ୍ୱାରା ମୁଣ୍ଡ ବିନ୍ଧା ଦୂର ହୋଇଥାଏ । ଏହା ବ୍ୟତୀତ ରକ୍ତଚାପ ଓ ହୃଦରୋଗୀଙ୍କ ପାଇଁ ମଧ ଏହା ଲାଭଦାୟକ ।

## କହିପାରିବେ କି ?

(୧) ବିଶ୍ୱ କବି ରବିନ୍ଦ୍ର ନାଥ ଠାକୁରଙ୍କୁ ଇଂରେଜ ସରକାର କେଉଁ ଉପାଧି ପ୍ରଦାନ କରିଥିଲେ ?
(୨) ଭାରତ ଶାସନ ଆଇନ ବ୍ରିଟିଶ ପାଲ୍ୟାମେଣ୍ଟରେ କେବେ ଗୃହୀତ ହୋଇଥିଲା ?
(୩) କେଉଁ ଶିକ୍ଷାର ପ୍ରସାର ଓଡ଼ିଶାରେ ଜାତୀୟ ଚେତନା ସୃଷ୍ଟିରେ ସାହାଯ୍ୟ କରିଥିଲା ?
(୪) ୧୯୪୮ ଜାନୁଆରୀ ୧ ଠାରୁ କେତୋଟି ଭାଷାଭାଷୀ ଗଡ଼ଜାତ ରାଜ୍ୟ ଓଡ଼ିଶା ସହ ମିଶିଥିଲା ?
(୫) ଆମ ଦେଶରେ ଗ୍ରାମାଞ୍ଚଳ ନାରୀ ଓ ଶିଶୁ ବିକାଶ ଯୋଜନା କେବେ ଆରମ୍ଭ ହୋଇଥିଲା ?
(୬) ପରମାଣୁ ଶକ୍ତି ଆୟୋଗର ପ୍ରଥମ ଅଧକ୍ଷ କିଏ ଥିଲେ ?
(୭) ରାଷ୍ଟ୍ରୀୟ ମାଧମିକ ଶିକ୍ଷା ଅଭିଯାନ କେଉଁ ଶିକ୍ଷାବର୍ଷ ଠାରୁ ଆରମ୍ଭ ହୋଇଛି ?
(୮) ଜାତୀୟ ପୁନଃ ଥଇଥାନ ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ ଓଡ଼ିଶାର କେଉଁଠାରେ ଅଛି ?
(୯) ସୁନାବେଡ଼ା ଠାରେ ଥିବା ମିଗ୍ ବିମାନ ଇଞ୍ଜିନ କାରଖାନା କେଉଁ ଦେଶର ସହାୟତାରେ ନିର୍ମିତ ହୋଇଛି ?
(୧୦) ଆଜାଦ୍ କାଶ୍ମୀର ସେନା ବାହିନୀ କାହା ସମର୍ଥନ ପାଇଁ କାଶ୍ମୀର ଉପରେ ଆକ୍ରମଣ କରିଥିଲେ ?

### JUMBLE WORDS

| | | | |
|---|---|---|---|
| 1) YDRIBH | = | 6) RAQESU | = |
| 2) SCAWEH | = | 7) TNHESC | = |
| 3) THCUH | = | 8) ARLCW | = |
| 4) DDOEG | = | 9) ZOWYO | = |
| 5) ROBWOR | = | 10) NIETTN | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଆମେରିକାର ଟେନେସି ରାଜ୍ୟର କ୍ରସ୍‌ଭିଲେ ସହରରେ, ୨.ଧଳା କପୋତ,୩.ପଦ୍ମଫୁଲ, ୪.ନାଲି ପତାକା, ୫.କଳା ପତାକା, ୬.ଚକ୍ର, ୭.ଆଖିରେ କଳାପଟି ଏବଂ ହାତରେ ନିକିତୀ ଧରିଥିବା ନାରୀ, ୮.ନାଲି ତ୍ରିଭୁଜ, ୯.ବାହୁରେ କଳାପଟି,୧୦.ନାଲି ଆଲୁଅ ।

***Jumble Words*** **ର ଉତ୍ତର :-**

(1) GUESE (2) MOUND (3) PETITE (4) JIGSAW (5) WIPER
(6) SLOSH (7) DIVERT (8) ASTHMA (9) SPICY (10) GECKO

# ସମ୍ବଲପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀର ଝଲକ୍













## ଏମ୍‌ସିଏଲ୍‌ରେ ରାଜଭାଷା କାର୍ଯ୍ୟକାରୀ ସମିତି ବୈଠକ

ବୁର୍ଲା: ଏମ୍‌ସିଏଲରେ ରାଜଭାଷା କାର୍ଯ୍ୟକାରୀ ସମିତିର ୭୬ତମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । କମ୍ପାନୀର କାର୍ମିକ ନିର୍ଦ୍ଦେଶକ କେଶବ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜଭାଷା ଜେନେରାଲ ମ୍ୟାନେଜର ଶ୍ରୀକୃଷ୍ଣ ମୁରାରୀ ପ୍ରସାଦ ସ୍ୱାଗତ କରିଥିଲେ । ଭାରତ ସରକାରଙ୍କ ରାଜଭାଷା ବାର୍ଷିକ କାର୍ଯ୍ୟକ୍ରମ ୨୦୨୩-୨୪ ବିଷୟରେ ଆଲୋଚନା କରାଯାଇଥିଲା । ଏହାକୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରିବାକୁ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ । ରାଜଭାଷା ପ୍ରବନ୍ଧକ ବି.ଆର୍. ସାହୁ ରିପୋର୍ଟ ଉପସ୍ଥାପନ କରିଥିଲେ ।

## ଶିବ ତତ୍ତ୍ୱ ଉପରେ ଆଲୋଚନାଚକ୍ର

ସମ୍ବଲପୁର: ଶୀତଳଷଷ୍ଠୀ ପର୍ବ ପାଳନ ଅବସରରେ ସିଦ୍ଧେଶ୍ୱରୀ ଧର୍ମ ସଂସଦ ପକ୍ଷରୁ ସଂସଦର ସଭାପତି ଗୋପୀନାଥ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଶିବ ତତ୍ତ୍ୱ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ । ଏହି ଆଲୋଚନା ଚକ୍ରରେ ସର୍ବଶ୍ରୀ ଅରବିନ୍ଦ ମହାପାତ୍ର, ହେମନ୍ତ କୁମାର ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଶେଷରେ ଜନ୍ମେଜୟ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପବ୍ଲିକ ୟୁଟିଲିଟି ସେଣ୍ଟର ଉଦ୍‌ଘାଟନ କଲେ ବିଧାୟିକା



ଝାରସୁଗୁଡ଼ା : ଲଖନପୁର ବ୍ଲକ ଅନ୍ତର୍ଗତ କୁଡାଲୋଇ ଗ୍ରାମପଞ୍ଚାୟତର କୁଡାଲୋଇଠାରେ ୩୫ ଲକ୍ଷ ବ୍ୟୟରେ ନବନିର୍ମିତ ପବ୍ଲିକ ୟୁଟିଲିଟି ସେଣ୍ଟର ଲୋକାର୍ପିତ ହୋଇଯାଇଛି । ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ଏହାକୁ ଉଦ୍‌ଘାଟନ କରିଛନ୍ତି । ଲଖନପୁର ବ୍ଲକ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ଜିଲ୍ଲା ପରିଷଦ ଜୋନ ୧ ସଦସ୍ୟ ସନତ ସିଂ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ମିତ୍ରଭାନୁ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟନ୍ତ ସାହୁ, କନିଷ୍ଠ ଯନ୍ତ୍ରୀ ପ୍ରହଲ୍ଲାଦ ବାରିକ, କୁଡାଲୋଇ ସରପଞ୍ଚ ସନାତନ ନାୟକ, ସମିତିସଭ୍ୟା, ଜିଲ୍ଲା ବିଜେଡି ସମ୍ପାଦକ ପ୍ରମୋଦ ଗଡ଼ତିଆ, ବ୍ଲକ ବିଜେଡି ଯୁବସଭାପତି ନରେଶ ଖମାରୀ, ପୂର୍ବତନ ସରପଞ୍ଚ ବିନୋଦ ବିହାରୀ ମାଝୀ, ଫକୀର ଖାନ, ସୁରେନ୍ଦ୍ର ଜୟଶାଳଙ୍କ ସହ ଅଂଚଳବାସୀ ଉପସ୍ଥିତ ଥିଲେ । ଏହାପରେ ଶ୍ରୀମତୀ ମହାନ୍ତି ୫-ଟି ରୂପାନ୍ତରିତ ଖଇରକୁନି ହାଇସ୍କୁଲର ନିର୍ମାଣ କାର୍ଯ୍ୟ ବୁଲି ତଦାରଖ କରିଥିଲେ ।

## ଲଇକେରା ଓ କିର୍ମିରା ଆଇଟିଡିଏରେ ସାମିଲ

ଝାରସୁଗୁଡ଼ା : ଲାଇକେରା ଓ କିର୍ମିରା ଏହି ଦୁଇଟି ବ୍ଲକକୁ ନେଇ ନୂତନ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ଗଠନ କରାଯାଇଛି । ରାଜ୍ୟର ଏହା ୨୩ତମ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ଏଥିଲାଗି ରାଜ୍ୟ ସରକାର ୯ଟି ନୂତନ ପଦବୀ ମଞ୍ଜୁର କରିଛନ୍ତି । ସୂଚନାଯୋଗ୍ୟ ଯେ ଲାଇକେରା ଓ କିର୍ମିରା ବ୍ଲକରେ ମୁଖ୍ୟତଃ ଗଣ୍ଡ, ଭୁୟାଁ ଓ କିସାନ୍ ବର୍ଗର ଆଦିବାସୀମାନେ ରହୁଥିବା ବେଳେ ମୁଣ୍ଡା, କୋଲ୍, ଓରାମ, ଶବର, ଖଡ଼ିଆ ଓ ସାରା ବର୍ଗର ଆଦିବାସୀମାନେ ମଧ ବସବାସ କରୁଛନ୍ତି । ଲଇକେରାରେ ଆଦିବାସୀଙ୍କ ସଂଖ୍ୟା ୫୧.୭୮ ପ୍ରତିଶତ ହୋଇଥିବା ବେଳେ କିର୍ମିରାରେ ଏହା ୧୮.୪୬ ପ୍ରତିଶତ ଅଟେ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସମ୍ବଲପୁରର ପ୍ରସିଦ୍ଧ ଶୀତଲଷଷ୍ଠୀ ଯାତ୍ରା ଉଦ୍‌ଯାପିତ



ନନ୍ଦପଡ଼ା



ଝାଡୁଆପଡ଼ା



ମୁଦିପଡ଼ା

ସମ୍ବଲପୁର: ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ ପ୍ରସିଦ୍ଧ ଶୀତଲଷଷ୍ଠୀ ଯାତ୍ରାରେ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ମଧ୍ୟରେ ଦେବ ଦମ୍ପତିଙ୍କ ଯୁଗଳମୂର୍ତ୍ତି ଦର୍ଶନ ଦେଇ ସ୍ୱଶିବାଳୟକୁ ପ୍ରବେଶ କରିଛନ୍ତି । ଚଳିତ ବର୍ଷ ପ୍ରାୟ ୧୦ ହଜାର କଳାକାର କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ । କଳା ପ୍ରଦର୍ଶନ ମଧ୍ୟରେ ସମ୍ପ୍ରଦା, ଦୁଲଦୁଲି ଠାରୁ ଆରମ୍ଭ କରି ଆସାମର ବିହୁ, ପଞ୍ଜାବର ଭାଙ୍ଗଡା, ଉଜ୍ଜୟିନୀର ଭସ୍ମରମୌୟା, ମହାରାଷ୍ଟ୍ରର ଢୋଲ, କେରଳର କଲ୍ଲାପାୟଟୁ ଲୋକଙ୍କୁ ବିମୋହିତ କରିଥିଲା । ନନ୍ଦପଡ଼ାର ବମବରାଡ ବାଲୁଙ୍କେଶ୍ୱର ଶୋଭାଯାତ୍ରାରେ କାନ୍ତାରା ନୃତ୍ୟ, ହରିୟାଣାର ଅଘୋରି ନୃତ୍ୟ ଓ ମଧ ପ୍ରଦେଶର ଡମ୍ବରୁ ଦଳ ପ୍ରମୁଖ ଆକର୍ଷଣ ହୋଇଥିବା ବେଳେ ଝାଡୁଆପଡ଼ାର ଲୋକନାଥ ବାବାଙ୍କ ଶୋଭାଯାତ୍ରାରେ କେରଳର କାଓ୍ୱେ ନୃତ୍ୟ ଓ ଉଜ୍ଜୟନର ଡମ୍ବରୁ ଦଳ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ସେହିଭଳି ଜାଗେଶ୍ୱର ବାବାଙ୍କ ଶୋଭାଯାତ୍ରାରେ ମହାରାଷ୍ଟ୍ରର ଲାବଣୀ ଓ ଢ଼ୋଲ ପାଠକ ଦଳ ମୁଖ୍ୟ ଆକର୍ଷଣ ଥିଲା । ଶ୍ରୀ ଶୀତଳେଶ୍ୱର ବାବାଙ୍କ ଶୋଭାଯାତ୍ରାରେ ରାୟପୁରର ଧମାଲ ପାର୍ଟି ଓ ଉଜ୍ଜୈୟିନୀର ଡମ୍ବରୁ ଦଳ ଏବଂ ଗୁପ୍ତେଶ୍ୱର ବାବାଙ୍କ ଶୋଭାଯାତ୍ରାରେ ଅଘୋରି ଓ ଓଡ଼ିଶୀ ନୃତ୍ୟ ଦଳ ମୁଖ୍ୟ ଆକର୍ଷଣ ରହିଥିଲା । ବିଭିନ୍ନ ଶୋଭାଯାତ୍ରାର ରଥ ଉପରେ ରେକର୍ଡଡ୍ୟାନ୍ସ ସ୍ଥାନରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।

ଏଥର ଯାତ୍ରା କାଳରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ବିଧାୟକ ନାଉରୀ ନାୟକ, ଆରଡିସି ସୁରେଶ ଚନ୍ଦ୍ର ଦଳେଇ, ଆଇ.ଜି ଡକ୍ଟର ଦୀପକ କୁମାର ଓ ଜିଲ୍ଲାପାଳ ଅନନ୍ୟା ଦାସ ପ୍ରମୁଖ ବିଭିନ୍ନ ଶିବାଳୟକୁ ଯାଇ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ ।

ବିଜେଡି, ସମ୍ବଲପୁର ପ୍ରେସ୍ କ୍ଲବ, ଭାରତ ବିକାଶ ପରିଷଦ, ସମ୍ବଳ, କୁଳିତାସମାଜ ସମେତ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭକ୍ତମାନଙ୍କୁ ସରବତ ଓ ଜଳଖିଆ ବାଣ୍ଟିଥିଲେ ।







## ଶୀତଲଷଷ୍ଠୀରେ ପ୍ରଥମ ଥର ପାଇଁ ବାଲୁକାକଳା



ସମ୍ବଲପୁର : ପ୍ରସିଦ୍ଧ ଶୀତଳଷଷ୍ଠୀ ଉପଲକ୍ଷେ ବିଶିଷ୍ଟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଥମଥର ପାଇଁ ସମ୍ବଲପୁରରେ ବାଲୁକା କଳା ପ୍ରଦର୍ଶନ କରାଯାଇଥିଲା । କଚେରୀ ଛକ ନିକଟସ୍ଥ ଭାରତୀୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ହୋଇଥିବା ଏହି ବାଲୁକା କଳା ପ୍ରଦର୍ଶନକୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡକ୍ଟର ସୁରେଶ ଚନ୍ଦ୍ର ଦଳେଇ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅନନ୍ୟା ଦାସ, ଆରକ୍ଷୀ ଅଧିକ୍ଷକ ବି . ଗଙ୍ଗାଧର, ସମ୍ବଲପୁର ମହାନଗର ନିଗମ ଅୟୁକ୍ତ ପ୍ରଦୀପ କୁମାର ସାହୁ, ଡେପୁଟି କମିଶନର ଶଙ୍କର ସାହୁ, ପ୍ରବର୍ତ୍ତନ ଅଧିକାରୀ ଶୁଭଙ୍କର ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ ଉପସ୍ଥିତ ଥିଲେ ।

# ସମ୍ବଲପୁର 'ଶୀତଳ ଷଷ୍ଠୀ' ଯାତ୍ରାରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ













ସମ୍ବଲପୁର: କେନ୍ଦ୍ର, ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରର ବିଭିନ୍ନ ସ୍ଥାନରେ ଶୀତଳ ଷଷ୍ଠୀ ଯାତ୍ରାରେ ସାମିଲ ହୋଇ ଭଗବାନ ଶିବ ଓ ମାତା ପାର୍ବତୀଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରିବା ସହ ମହାଆଳତି କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଠାକୁର ପଡ଼ା, ଶାନ୍ତି ନଗର, ଜଗନ୍ନାଥ କଲୋନି, କୁଲୁଥକାନି, ସିନ୍ଦୂରପଙ୍କ, ଅଇଁଠାପାଲି, ଦୁର୍ଗା ମଙ୍ଗଲମ୍, ଧର୍ମଶାଳା କ୍ଷେତରାଜପୁର, ନନ୍ଦପଡ଼ା, ଝାଡୁଆପଡ଼ା, ମୁଦିପଡ଼ା ଓ ହୀରାକୁଦରେ ଶୀତଳ ଷଷ୍ଠୀ ଯାତ୍ରାରେ ସାମିଲ ହେବା ସହ କନ୍ୟାପକ୍ଷର ମାତାପିତାଙ୍କୁ ଭେଟିଥିଲେ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସିନ୍ଦୁରପଙ୍କ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଓ କୁଲୁଥକାନି ଠାରେ 'ଶ୍ରୀ କନ୍ଦ୍ରେଶ୍ୱର ବାବା' ମନ୍ଦିର ଓ ମା' ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ ।

ଗତ ହନୁମାନ ଜୟନ୍ତୀ ବେଳେ ଗଣ୍ଡଗୋଳରେ ଆହତ ହୋଇଥିବା ବିଜେପି ନେତା ଦାମୋଦର କରଙ୍କୁ ଶ୍ରୀ ପ୍ରଧାନ ତାଙ୍କ ବାସଭବନରେ ଭେଟ ଆଶୁ ଆରୋଗ୍ୟ କାମନା କରିଥିଲେ । ସେହିପରି ଶ୍ରୀ ପ୍ରଧାନ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଓଡ଼ିଶା ପଶ୍ଚିମ ପ୍ରାନ୍ତର ସଂଘ ଚାଳକ ବିପିନ ବିହାରୀ ନନ୍ଦଙ୍କ ଘରକୁ ଯାଇ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଶ୍ରୀ ପ୍ରଧାନଙ୍କୁ ବ୍ରହ୍ମପୁର ବିଶ୍ୱ-ବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ, ଡାକ୍ତର ରାଜକୁମାର ବଡପଣ୍ଡା ପ୍ରମୁଖ ସାକ୍ଷାତ କରି ସମ୍ବଲପୁରର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ନେଇ ଆଲୋଚନା କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra